

ଦୂତିଙ୍କ ଟିପ୍ପଣୀକୁ ନେଇ ଝଡ

ପୃଷ୍ଠା-୭

EXPRESSES THE TRUTH

# ଓଡ଼ିଶା ସଂଦେଶ

Weekly
ସାପ୍ତାହିକ

RNI NO : ODIODI/2006/19914

ODISHA SANDESH

ପ୍ରକାଶ କରେ କେବଳ ସତ୍ୟ

/Odisha Sandesh

Website : www.odishasandesh.in
E-mail:odishasandesh.news@gmail.com




● ବର୍ଷ- ୧୬ ● ସଂଖ୍ୟା-୨୮● ଭୁବନେଶ୍ୱର ● ମାର୍ଚ୍ଚ ୨୮-ଅପ୍ରେଲ୍ ୩,୨୦୨୨ ● ପୃଷ୍ଠା -୮● ମୂଲ୍ୟ- ୩.୦୦ ଟଙ୍କା ● Vol -16 ● Issue - 28● Bhubaneswar ● March 28- April 3, 2022 ● Page- 8 ● ₹ .3.00

# ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ଓଡ଼ିଶାବାସୀଙ୍କ ଆଶୀର୍ବାଦ:ନବୀନ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରିଛନ୍ତି । ଓଡିଶାବାସୀଙ୍କ ଆଶୀର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ଏହା ସମ୍ଭବ ହୋଇଛି ବୋଲି ନବୀନ ଲେଖିଛନ୍ତି । ସେ ଟୁଇଟ୍ କରିଛନ୍ତି - ପୌର ନିର୍ବାଚନରେ ବିଜେଡିର ବିପୁଳ ବିଜୟ ଓଡ଼ିଶାବାସୀଙ୍କ ଆଶୀର୍ବାଦ ଓ ଅଗଣିତ କର୍ମୀଙ୍କ ସମର୍ପିତ ଉଦ୍ୟମ ବଳରେ ସମ୍ଭବ ହୋଇଛି । ୱାର୍ଡସ୍ତରରୁ ଲୋକଙ୍କ ଭଲପାଇବା ତୃଣମୂଳସ୍ତରରେ ବିଜେଡିର ଲୋକପ୍ରିୟତାକୁ ପ୍ରମାଣିତ କରୁଛି । ଆସନ୍ତୁ, ସମସ୍ତେ ରାଜ୍ୟର ବିକାଶଧାରାରେ ସାମିଲ ହୋଇ



ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଏକ ହୋଇ ଆଗକୁ ବଢିବା ।ଅତୁଟ ବିଶ୍ୱାସ ରଖି ବିଜେଡିକୁ ବିପୁଳ ସମର୍ଥନ ଦେଇଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇବା ସହ ଦଳର ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ନବୀନ ପଟ୍ଟନାୟକ ।

ପଞ୍ଚାୟତ ଭଳି ପୌର ନିର୍ବାଚନରେ ମଧ ଶାସକ ବିଜୁ ଜନତା ଦଳ ର ବଡ଼ ବିଜୟ ହୋଇଛି । ରାଜ୍ୟର ୧୦୫ଟି ପୌର ପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍ଏସି) ମଧ୍ୟରୁ ବିଜେଡି ୭୩ଟି ସ୍ଥାନରେ ବିଜୟୀ ହୋଇଛି । ବିଜେପି ୧୬ ଓ କଂଗ୍ରେସ ୭ ଜଣ ପ୍ରାର୍ଥୀ ପୌର ଅଧକ୍ଷ ପଦବୀ ହାସଲ କରିଛନ୍ତି । ସେହିଭଳି ୯ ଜଣ ଅନ୍ୟ ଦଳ ପୃଷ୍ଠା-୭ ଦେଖନ୍ତୁ

Pratap Jena
@jenapratap66

## ମନ୍ତ୍ରୀ ପ୍ରତାପ ଜେନାଙ୍କ ଟ୍ୱିଟ୍

ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିରନ୍ତର ଉଦ୍ୟମ ଯୋଗୁଁ ପ୍ରଗତି ପଥରେ ଆଗେଇ ଚାଲିଛି ଓଡ଼ିଶା । ଆମ ରାଜ୍ୟକୁ ଆହୁରି ସମୃଦ୍ଧ କରିବାକୁ ପୁଣିଥରେ ବିଜେଡ଼ି ଉପରେ ଆର୍ଶୀବାଦ ଢାଳିଛନ୍ତି ଜନତା ଜନାର୍ଦ୍ଦନ ।

## ପ୍ରଧାନମନ୍ତ୍ରୀଙ୍କ 'ମନ୍କୀ ବାତ୍'

# ପୁରୀର 'ସ୍ୱେଚ୍ଛାଗ୍ରାହୀ' ରାହୁଲ୍ ମହାରଣାଙ୍କୁ ପ୍ରଶଂସା କଲେ ମୋଦି

ନୂଆଦିଲ୍ଲୀ, (ପିଆଇବି): ତରୁଣ ମାନେ 'ସ୍ୱଚ୍ଛ ଭାରତ ଅଭିଯାନ'କୁ ସଫଳ କରିଛନ୍ତି ବୋଲି ଆଜି 'ମନ୍କି ବାତ୍'ର ୮୭ତମ ସଂସ୍କରଣରେ କହିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡିଶାର ପୁରୀନିବାସୀ ରାହୁଲ୍ ମହାରଣାଙ୍କ କଥା ଉଲ୍ଲେଖ କରିଛନ୍ତି ।ରାହୁଲ୍ ପ୍ରତି ରବିବାର ବଡି ସକାଳୁ ପୁରୀରେ ଥିବା ତୀର୍ଥସ୍ଥଳୀଗୁଡିକୁ ଯାଇ ସେଠାରେ ପଡିଥିବା ପ୍ଲାଷ୍ଟିକ୍ ଆବର୍ଜନା ସଫା କରନ୍ତି । ଏଯାବତ୍ ସେ ଶହ ଶହ କିଲୋଗ୍ରାମ୍ ଓଜନର ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ଆବର୍ଜନା ପରିଷ୍କାର କରି



ସାରିଲେଣି । ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ଅବିଚ୍ଛିନ୍ନ ବୋଲି କହିବା ସହିତ ପ୍ରଧାନମନ୍ତ୍ରୀ କହିଲେ, ପରିଚ୍ଛନ୍ନତା କ୍ଷେତ୍ରରେ ଉଦ୍ୟମ କରୁଥିବା ବ୍ୟକ୍ତିବିଶେଷଙ୍କ ନାମ ଆମେ ସର୍ବଦା ଉଲ୍ଲେଖ କରୁଛୁ । ରାହୁଲ୍ଙ୍କ ଭଳି ମହାରାଷ୍ଟ୍ରର ନାସିକରେ ମଧ ଜଣେ 'ସ୍ୱେଚ୍ଛାଗ୍ରହୀ' ଅଛନ୍ତି । ସେ ହେଉଛନ୍ତି ଚ଼ନ୍ଦ୍ର କିଶୋର ପାଟିଲ୍ । ପରିଚ୍ଛନ୍ନତା ପ୍ରତି ପୃଷ୍ଠା-୭ ଦେଖନ୍ତୁ

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟର ବରିଷ୍ଠ ଆଇଏଏସ ଓ ଆଇପିଏସ ଅଧିକାରୀ



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ପଞ୍ଚାୟତ ନିର୍ବାଚ଼ନ ଏବଂ ପୌର ନିର୍ବାଚ଼ନରେ ବିପୁଳ ସଫଳତା ଲାଭ କରିଛି ବିଜେଡି । ଏଥିଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ରାଜ୍ୟର ବରିଷ୍ଠ ଆଇଏଏସ ଓ ଆଇପିଏସ ଅଧିକାରୀମାନେ ଶୁଭେଚ୍ଛା ଜଣାଇବା ସହିତ ତାଙ୍କୁ ଭେଟିଛନ୍ତି । ଏଣେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହି ଅବସରରେ ସରକାରଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରତିବଦ୍ଧତାର ସହ କାମ କରିବାକୁ ବରିଷ୍ଠ ଆଇଏଏସ ଓ ଆଇପିଏସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

# ଦଳର କାର୍ଯ୍ୟକର୍ତ୍ତାମାନଙ୍କୁ ଅକ୍ଳାନ୍ତ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ଅନୁଷ୍ଠିତ ପୌର ନିର୍ବାଚନ ଜନାଦେଶକୁ ସମ୍ମାନ ଜଣାଇବା ସହ ନିର୍ବାଚିତ ହୋଇଥିବା ଜନପ୍ରତିନିଧି ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ବିଜେପିକୁ ସମର୍ଥନ କରିଥିବା ରାଜ୍ୟର ମତଦାତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ନିର୍ବାଚନରେ ଦଳର କାର୍ଯ୍ୟକର୍ତ୍ତାମାନେ ଅକ୍ଳାନ୍ତ ପରିଶ୍ରମ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଶ୍ରୀ



ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଗଣତନ୍ତ୍ରରେ ନିର୍ବାଚନ ଆମକୁ ନିଜ ଅଧିକାର ସାବ୍ୟସ୍ତ କରିବାକୁ ସୁଯୋଗ ଦେବା ସହ ଏକ ସୁସ୍ଥ ସମାଜ ଗଠନ କରିଥାଏ । "ସବକା ସାଥ-ସବକା ବିକାଶ" ହେଉଛି ମୋଦି ସରକାରଙ୍କ ମୂଳ ମନ୍ତ୍ର । ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ମୋଦି ସରକାରଙ୍କ ଜନକଲ୍ୟାଣକାରୀ କାର୍ଯ୍ୟ ମାଧ୍ୟମରେ ଜନସାଧାରଣଙ୍କ ଆସ୍ଥାଭାଜନ ହେବା ପାଇଁ ଚେଷ୍ଟା କରିବୁ । ଦଳୀୟ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆମ କାର୍ଯ୍ୟକର୍ତାଙ୍କ ପ୍ରୟାସ ଜାରୀ ରହିବ ବୋଲି କେନ୍ଦ୍ରମନ୍ତ୍ରୀ ଟ୍ୱିଟ୍ କରି କହିଛନ୍ତି ।



ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ରାଜ୍ୟର ବରିଷ୍ଠ ଓଏଏସ ଓ ପୋଲିସ୍ ଅଧିକାରୀବୃନ୍ଦ

# ଲର୍ଣ୍ଣିଂ ଟ୍ରି ଏକାଡେମୀ ଉଦ୍‌ଘାଟନ କଲେ ମୁଖ୍ୟ ଶାସନ ସଚିବ




କଟକ,(ସଂଦେଶ ବ୍ୟୁରୋ): ଆଠଗଡ ଉପଖଣ୍ଡ ଅନ୍ତର୍ଗତ ତିଗିରିଆର ନୂଆସଡକଠାରେ ସି.ବି.ଏସ୍.ଇ ଅନୁବନ୍ଧିତ ବିଦ୍ୟାଳୟ ଲର୍ଣ୍ଣିଂ ଟ୍ରି ଏକାଡେମୀକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଇତିମଧରେ ଉଦ୍‌ଘାଟନ କରିଛନ୍ତି । ନିଜର ଉଦଘାଟନୀ ଅଭିଭାଷଣରେ ଶ୍ରୀ ମହାପାତ୍ର କହିଥିଲେ ଯେ ଗ୍ରାମାଚଂଳରେ ସି.ବି.ଏସ୍.ଇ ଅନୁବନ୍ଧିତ ବିଦ୍ୟାଳୟ ନୂତନତାର ବାର୍ତାବହ । ଘରୋଇ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ଏହି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚମାନର ଶିକ୍ଷାପ୍ରଦାନରେ ବିଶେଷ ସହାୟକ ହେବ । ଶ୍ରୀ ମହାପାତ୍ର ଆହୁରି ମଧ କହିଥିଲେ ଯେ ଗ୍ରାମାଚଂଳରେ ପିଲାମାନଙ୍କୁ ସହରାଚଂଳର ଯେ କୌଣସି ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ସହ ସମକକ୍ଷ କରିବା ନିମନ୍ତେ ରାଜ୍ୟ ସରକାର ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ସ୍ମାର୍ଟ କ୍ଲାସ୍ ରୁମ୍, ସ୍ମାର୍ଟ ଲାଇବ୍ରେରୀ, ଆଧୁନିକ ଦୃଶ୍ୟ-ଶ୍ରାବ୍ୟ ବୈଷୟିକ କୌଶଳ ମାଧମରେ ଶିକ୍ଷା ଆଦି ବ୍ୟବସ୍ଥା ସହ ପ୍ରାୟ ୩୦୦୦ ବିଦ୍ୟାଳୟକୁ ରୂପାନ୍ତରିତ କରାଯାଇଛି । ୮୦୦୦ ବିଦ୍ୟାଳୟକୁ ରୂପାନ୍ତରର କରିବାର ଲକ୍ଷ୍ୟ ନେଇ କାର୍ଯ୍ୟ ଆରମ୍ଭ କରାଯାଇଛି । ସରକାରଙ୍କ ପ୍ରଚେଷ୍ଟା ସହ ଘରୋଇ ଉଦ୍ୟମ ମାଧମରେ ତିଗିରିଆ ପୃଷ୍ଠା-୭ ଦେଖନ୍ତୁ

# ବିଜେଡି ଦଖଲରେ ୩ ମହାନଗର ନିଗମ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ପୌର ନିର୍ବାଚନ ପାଇଁ ଭୋଟ୍ ଗଣତି ଶେଷ ହୋହିଛି । ଏହା ମଧ୍ୟରେ ସମସ୍ତଙ୍କ ନଜର ଥିବା ୩ ଟି ମହାନଗର ନିଗମର ମେୟର ଆସନ ବିଜେଡି ହାତକୁ ଯାଇଛି । ବ୍ରହ୍ମପୁର ମହାନଗର ନିଗମରେ ବିଜେଡି ପ୍ରାର୍ଥୀନୀ ସଂଘମିତ୍ରା ଦଳେଇ ବିଜୟୀ ହୋଇଛନ୍ତି । ସେହିପରି ଭୁବନେଶ୍ୱର ଓ କଟକ ମହାନଗର ନିଗମ ଆସନରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ସୂଚନା ଅନୁଯାୟୀ ବ୍ରହ୍ମପୁର ମହାନଗର ନିଗମ ପାଇଁ ହୋଇଥିବା ମେୟର ନିର୍ବାଚନର ଭୋଟ ଗଣତି ଶେଷ ହୋଇଛି । ବିଜେଡି ମେୟର ପ୍ରାର୍ଥିନୀ ସଂଘମିତ୍ରା ଦଳେଇ ବଡ଼ ବ୍ୟବଧାନରେ



ଭୁବନେଶ୍ୱର ମହାନଗର ନିଗମର ମେୟର ହେଲେ ବିଜେଡି ପ୍ରାର୍ଥୀନୀ ସୁଲୋଚନା ଦାସ



କଟକ ମହାନଗର ନିଗମର ମେୟର ହେଲେ ବିଜେଡି ପ୍ରାର୍ଥୀ ସୁବାଷ ସିଂ



ବ୍ରହ୍ମପୁର ମହାନଗର ନିଗମର ମେୟର ହେଲେ ବିଜେଡି ପ୍ରାର୍ଥୀନୀ ସଂଘମିତ୍ରା ଦଳେଇ

ବିଜୟୀ ହୋଇଛନ୍ତି । ଶ୍ରୀମତୀ ଦଳେଇ ୨୦୨୮୬ ଭୋଟ ରେ ତାଙ୍କ ନିକଟତମ ପ୍ରାର୍ଥିନୀ ସବିତା ସୁଆରଙ୍କୁ ପରାସ୍ତ କରିଛନ୍ତି । ସଂଘମିତ୍ରାଙ୍କୁ ୬୬ ହଜାର ୬୮ ଖଣ୍ଡ ଭୋଟ ମିଳିଥିବା ବେଳେ ସବିତାଙ୍କୁ ୪୫ ହଜାର ୭୮୨ ଖଣ୍ଡ ଏବଂ ଆମ୍ ଆଦମୀ ପାର୍ଟିର ସି. ପ୍ରିୟଙ୍କାଙ୍କୁ ୭୪୫୩ ଖଣ୍ଡ ଭୋଟ ମିଳିଛି । ଅନ୍ୟପକ୍ଷରେ କଂଗ୍ରେସର ଦଳୀୟ ପ୍ରାର୍ଥିନୀ ମଂଜୁ ରଥ ମାତ୍ର ୬୭୬୮ ଖଣ୍ଡ ଭୋଟ ପାଇଛନ୍ତି । ସେହିପରି ବ୍ରହ୍ମପୁରରେ ମୋଟ ୪୨ଟି ୱାର୍ଡରୁ ଶାସକ ବିଜେଡି ୩୦ଟି ଆସନ ହାତେଇଥିବା ବେଳେ ବିଜେପି ୭, କଂଗ୍ରେସ ୧ ଓ ସ୍ୱାଧୀନ ୪ଟି ଆସନରେ ବାଜି ମାରିଛନ୍ତି । ଭୁବନେଶ୍ୱର ମହାନଗର ନିଗମରେ ବିଜେଡିର ମେୟର ପ୍ରାର୍ଥୀନୀ ସୁଲୋଚନା ଦାସ ବିଜୟୀ ହୋଇଛନ୍ତି । ସୁଲୋଚନା ଦାସ ୬୧ ହଜାର ୧୪୩ ଖଣ୍ଡ ଭୋଟ ବ୍ୟବଧାନରେ ତାଙ୍କର ନିକଟତମ ପ୍ରାର୍ଥିନୀ ବିଜେପିର ସୁନୀତି ମୁଣ୍ଡଙ୍କୁ ପରାସ୍ତ କରିଛନ୍ତି । ସୁଲୋଚନାଙ୍କୁ ୧,୭୪,୫୬୨ ଖଣ୍ଡ ଭୋଟ୍ ପାଇଥିବା ବେଳେ ବିଜେପି ପ୍ରାର୍ଥିନୀ ତଥା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସୁନୀତି ମୁଣ୍ଡଙ୍କୁ ୧,୧୩,୪୧୯ ଖଣ୍ଡ ଭୋଟ୍ ମିଳିଛି । ପୃଷ୍ଠା-୭ ଦେଖନ୍ତୁ

# ନାଲକୋକୁ ସମ୍ମାନ ଜନକ ଗୋଲଡେନ୍ ପିକକ୍ ଜାତୀୟ ପୁରସ୍କାର ପ୍ରଦାନ

ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଦେଶର ଅଗ୍ରଣୀ ବକ୍ସାଇଟ୍-ଆଲୁମିନା-ଆଲୁମିନିୟମ୍-ଶକ୍ତି ଉତ୍ପାଦନକାରୀ ଉଦ୍‌ଯୋଗ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନୀ ଲିମିଟେଡ୍ (ନାଲକୋ)କୁ ସଷ୍ଟେନେବଲ୍ ମାଇନିଂ ଏବଂ ପରିବେଶ ଅନୁକୂଳ କାର୍ଯ୍ୟଶୈଳୀ ପାଇଁ ସମ୍ମାନଜନକ "ଗୋଲ୍‌ଡେନ୍ ପିକକ୍ ଆୱାର୍ଡ୍ ଫର ସଷ୍ଟେନେବିଲିଟି" ପୁରସ୍କାରର ଜାତୀୟ ବିଜେତା ଭାବରେ ସମ୍ମାନିତ କରାଯାଇଛି । ଇନଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟର୍ସ ଦ୍ୱାରା ଆୟୋଜିତ ଏକ




ଆଭାସୀ ଅଧିବେଶନରେ ନାଲକୋ ସିଏମଡି ଶ୍ରୀ ଶ୍ରୀଧର ପାତ୍ର ୨୩ ମାର୍ଚ୍ଚ ୨୦୨୨ ତାରିଖରେ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ଏହି ଅବସରରେ,ଶ୍ରୀ ପାତ୍ର, ପରିବେଶ ସୁପରିଚ଼ାଳନା ଏବଂ ସଷ୍ଟେନେବଲ୍ ମାଇନିଂ କ୍ଷେତ୍ରରେ ଉତ୍କୃଷ୍ଟ ଅଭ୍ୟାସ ଅନୁପାଳନ ପ୍ରତି କର୍ମଚ଼ାରୀମାନଙ୍କର ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ । ପୃଷ୍ଠା-୭ ଦେଖନ୍ତୁ

## ପିଆଇବି ପକ୍ଷରୁ ଦିନିକିଆ ଗଣମାଧ୍ୟମ କର୍ମଶାଳା ''ବାର୍ତ୍ତାଳାପ'' ଆୟୋଜିତ



ଭୁବନେଶ୍ୱର,(ପିଆଇବି):ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ପକ୍ଷରୁ ପୁରୀ ଠାରେ ଏକ ଦିନିକିଆ ଗଣମାଧ୍ୟମ କର୍ମଶାଳା ''ବାର୍ତ୍ତାଳାପ'' ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ପିଆଇବି ପୂର୍ବାଞ୍ଚଳ ମହାନିର୍ଦ୍ଦେଶକ ଶ୍ରୀ ଭୂପେନ୍ଦ୍ର କେଁଥୋଲା କହିଥିଲେ ଯେ, ତୃଣମୂଳ ସ୍ତରରେ ଲୋକମାନଙ୍କ ନିକଟରେ ପହଞ୍ଚିବା ଲାଗି ବାର୍ତ୍ତାଳାପ କର୍ମଶାଳା ଗଣମାଧ୍ୟମ ଏବଂ ସରକାରଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନର ଏକ ମାଧ୍ୟମ ଭାବେ କାର୍ଯ୍ୟ କରିଥାଏ।

ସମାରୋହକୁ ସମ୍ବୋଧିତ କରି ଶ୍ରୀ କେଁଥୋଲା ଆହୁରି କହିଥିଲେ ଯେ, ମହାମାରୀ କାରଣରୁ ପରିସ୍ଥିତିରେ ଏବେ ବ୍ୟାପକ ପରିବର୍ତ୍ତନ ଆସିଛି । ''ସ୍ମାର୍ଟ ଫୋନ୍ ଜରିଆରେ ଅନଲାଇନ୍ ବା ଡିଜିଟାଲ ମିଡିଆ ଆକାରରେ ସାମ୍ବାଦିକତାର ଏକ ନୂଆ ଧାରା ଏବେ ପ୍ରଚଳନ ହେଉଛି, ପ୍ରତ୍ୟେକ ସାମ୍ବାଦିକ ଏହା ସହିତ ନିଜକୁ ଖାପଖୁଆଇବାର ଆବଶ୍ୟକତା ରହିଛି । ନୂଆ ଗଣମାଧ୍ୟମ କ୍ଷେତ୍ରରେ ସାମ୍ବାଦିକମାନଙ୍କର କୌଶଳ ବିକାଶ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଏହି କର୍ମଶାଳରେ ପୁରୀର ବରିଷ୍ଠ ସାମ୍ବାଦିକ ଶ୍ରୀ ଜଗନ୍ନାଥ ବସ୍ତିଆ ଅଂଶଗ୍ରହଣ କରି ସାମ୍ବାଦିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ସାଧାରଣ ଲୋକମାନଙ୍କ ଭଳି ସାମ୍ବାଦିକମାନେ ମଧ୍ୟ ବାତ୍ୟା, ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥାନ୍ତି । ସେମାନଙ୍କର ସମସ୍ୟା ବୁଝିବା ସହିତ କଲ୍ୟାଣ ଦିଗରେ କାମ କରିବା ଲାଗି ବର୍ତ୍ତମାନ ସମୟ ଆସିଛି ବୋଲି ଶ୍ରୀ ବସ୍ତିଆ ପରାମର୍ଶ ଦେଇଥିଲେ ।

ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଶ୍ରୀ ଅଖିଳ କୁମାର ମିଶ୍ର କହିଥିଲେ ଯେ ସାମ୍ବାଦିକତା କେବଳ ଏକ ପେଶା ନୁହେଁ ବରଂ ଏକ କୌଶଳ। ବାର୍ତ୍ତାଳାପ ଭଳି କର୍ମଶାଳା ଆୟୋଜନ କରାଯିବା ଦ୍ୱାରା ଗଣମାଧ୍ୟମ ଏବଂ ସରକାରଙ୍କ ମଧ୍ୟରେ ମତ ବିନିମୟ ପାଇଁ ମଞ୍ଚ ଉପଲବ୍ଧ ହୋଇପାରିବ । ଆମ ଭିତରେ ଆଲୋଚନା ଏବଂ ବିଚାର ଆଦାନପ୍ରଦାନ ହେଲେ ସ୍ଥିତିରେ ସୁଧାର ଆସିପାରିବ ବୋଲି ଶ୍ରୀ ମିଶ୍ର କହିଥିଲେ । ବୈଷୟିକ ଅଧିବେଶନରେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଶ୍ରୀ ରାଜାରାମ ଶତପଥୀ କହିଥିଲେ ଯେ ଆଧୁନିକ ସମୟର ସାମ୍ବାଦିକତାରେ ଅନେକଗୁଡ଼ିଏ ସମସ୍ୟା ଏବଂ ଆହ୍ୱାନ ରହିଛି ।

## ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ୍‌ଙ୍କ ଅକାଳ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୋକସଭା



ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବିଶିଷ୍ଟ ଦଳିତ ନେତା ରିପୁନାଥ ସେଠ୍‌ଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ଶୋକସଭା ପିସିସି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଶ୍ରଦ୍ଧାଞ୍ଜଳି ଜଣାଇ ଶ୍ରୀ ପଟ୍ଟନାୟକ କହିଲେ ଯେ ରିପୁନାଥ ବାବୁ ଜଣେ ଅତ୍ୟନ୍ତ ପରିଶ୍ରମୀ ଓ ଦକ୍ଷ ସଂଗଠକ ଥିଲେ। କଂଗ୍ରେସ ଦଳରେ କାର୍ଯ୍ୟ କରିବା ଭିତରେ ତାଙ୍କୁ ଯେଉଁ ଦାୟୀତ୍ୱ ଦିଆଯାଇଛି ସେ ତାହାକୁ ସଫଳତାର ସହ ନିର୍ବାହ କରୁଥିଲେ। ସ୍ୱର୍ଗତ ସେଠ ଜଣେ ଅତ୍ୟନ୍ତ ମିଷ୍ଟଭାଷୀ, ସରଳ ଓ ଅମାୟିକ ବ୍ୟକ୍ତି ଭାବରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ବୈଠକରେ ସ୍ୱର୍ଗତ ଆତ୍ମାର ସଦଗତି କାମନା କରି ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ ନିର୍ବାଚନ ଅଧିକାରୀ ସାଂସଦ ଶ୍ରୀ ନିରଜ ଡାଙ୍ଗୀ, ଏଆଇସିସି ସଂପାଦକ ଶ୍ରୀ ଜି ରୁଦ୍ର ରାଜୁ, କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଜୟଦେବ ଜେନା, ତାରାପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ଯଜ୍ଞେଶ୍ୱର ବାବୁ, ଭୁଜବଳ ମାଝୀ, ଚିନ୍ମୟ ସୁନ୍ଦର ଦାସ, ପଦ୍ମାକର ଗୁରୁ, ସୁରେଶ ମହାପାତ୍ର, ବିଶ୍ୱଜିତ ଦାଶ, ଜାନକୀ ବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାଶ, ବିସ୍ମୟ ମହାପାତ୍ର, ନିଶିକାନ୍ତ ମିଶ୍ର, ରଜନୀ ମହାନ୍ତି, ପ୍ରଦୀପ ମହାପାତ୍ର, ହଳଧର ସେଠୀ, ବାଙ୍କନିଧି ବେହେରା, ଚନ୍ଦ୍ରଶେଖର ପରିଡ଼ା, ଅରବିନ୍ଦ ଦାସ, ପ୍ରକାଶ ମିଶ୍ର, ରଜତ ଚୌଧୁରୀ, ରଣଜିତ ପାତ୍ର, ସୁବାଷ ପ୍ରଧାନ, ସତ୍ୟବ୍ରତ ନାୟକ, ବୁନା ମହାନ୍ତି, ପ୍ରମୁଖ ବହୁ କଂଗ୍ରେସ କର୍ମୀ ଶୋକସଭାରେ ଯୋଗଦେଇ ସ୍ୱର୍ଗତ ଅମର ଆତ୍ମାଙ୍କ ପ୍ରତି ଗଭୀର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



### ନରେନ୍ଦ୍ରପୁରରେ ଚାରି ଜଣଙ୍କର ମୃତ୍ୟୁଘଟଣା

## ସ୍ଥାନୀୟ ଲୋକଙ୍କ ରାସ୍ତାରୋକ୍



ବ୍ରହ୍ମପୁର,(ସଂଦେଶ ବ୍ୟୁରୋ): ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅଧୀନ ପିଉଳ ଛକ ନରେନ୍ଦ୍ରପୁରରେ ଚାରି ଜଣଙ୍କର ମୃତ୍ୟୁଘଟଣାରେ ୩ ଜଣଙ୍କୁ ଅଟକ ରଖି ପୁଲିସ ପଚରାଉଚୁରା କରୁଛି। ସାମାନ୍ୟ ଯୁକ୍ତିତର୍କରୁ ହିଁ ହତ୍ୟା କରାଯାଇଥିବାର ଗଞ୍ଜାମ ଏସପି ବ୍ରିଜେଶ କୁମାର ରାୟ କହିଥିବାବେଳେ ଆକ୍ରମଣକାରୀଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି। ଗଞ୍ଜାମ ଏସପିଙ୍କ ସୂଚନା ମୁତାବକ ଆକ୍ରମଣକାରୀମାନେ ସଡକ ଦୁର୍ଘଟଣାରୁ ଏକ ଦମ୍ପତିଙ୍କୁ ରକ୍ଷା କରିଥିଲେ। ଆଉ ଫାଷ୍ଟଫୁଡ୍ ଦୋକାନ କରିଥିବା ୩ ଭାଇ ସେମାନଙ୍କୁ କମେଣ୍ଟ କରିଥିଲେ। ସେଥିରେ ଅପମାନିତ ହୋଇ ଅଭିଯୁକ୍ତମାନେ ସେମାନଙ୍କୁ ସଂଘବଦ୍ଧ ଭାବରେ ଆକ୍ରମଣ କରିଥିଲେ। ତେବେ ଏହି ହତ୍ୟାକାଣ୍ଡ ପରେ ସ୍ଥାନୀୟ ଲୋକ ରାସ୍ତାରୋକ କରିବା ସହ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି। ସ୍ଥାନୀୟ ଲୋକମାନେ ପିଉଳ ଛକରେ ରାସ୍ତାରୋକ କରିବା ସହ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏବେ ବି ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି। ସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପିଉଳରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ସୂଚନା ଥାଉ କି ଗଞ୍ଜାମ ଜିଲ୍ଲା ଶେରଗଡ଼ ବ୍ଲକ ତଥା ହିଞ୍ଜିଳି ଥାନା ଅଧୀନ ପିଉଳ ଛକ ନରେନ୍ଦ୍ରପୁର କମେଣ୍ଟ ମରାକୁ ନେଇ ଦୁଇ ଗୋଷ୍ଠୀ ସଂଘର୍ଷରେ ଘଟଣାସ୍ଥଳରେ ତିନି ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବ୍ରହ୍ମପୁର ମେଡିକାଲ ନେବା ବାଟରେ ଆଉ ଜଣଙ୍କର ମୃତ୍ୟୁ ଘଟିଥିଲା। ମୃତକ ତିନି ତିନି ଭାଇ ତଥା ନରେନ୍ଦ୍ରପୁର ଗ୍ରାମର ମଙ୍ଗୁଲୁ ସ୍ୱାଇଁଙ୍କ ତିନି ପୁଅ ଶମ୍ଭୁ ସ୍ୱାଇଁ, ପାଣ୍ଡବ ସ୍ୱାଇଁ ଓ ରାଜା ସ୍ୱାଇଁ ହୋଇଥିବାବେଳେ ଅନ୍ୟ ଜଣେ ମୃତକ ସେମାନଙ୍କ ସମ୍ପର୍କୀୟ ପୁତୁରା ଚନ୍ଦନ ବୋଲି ଜଣାପଡ଼ିଛି ।

## ଶାଶୂକୁ ଛୁରୀ ଭୁସି ହତ୍ୟା କଲା ଜ୍ୱାଇଁ



ପୁରୀ,(ସଂଦେଶ ବ୍ୟୁରୋ): ସ୍ଥାନୀୟ ବାସେଳୀସାହି ଥାନା ଅନ୍ତର୍ଗତ କ୍ରିୟାଯୋଗ ଆଶ୍ରମ ନିକଟରେ ଏକ ଅଭାବନୀୟ ଘଟଣା ଘଟିଛି। ଏହି ଆଶ୍ରମ ନିକଟ ବସ୍ତିରେ ଶାଶୁକୁ ଛୁରୀ ଭୁସି ହତ୍ୟା କରିଛି ଜ୍ୱାଇଁ। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟା କରିବା ପରେ ଅଭିଯୁକ୍ତ ନିଜେ ବିଷଖାଇ ଦେଇଥିଲା। ଗୁରୁତର ଅଭିଯୁକ୍ତ ଜ୍ୱାଇଁଙ୍କୁ ସଦର ହସପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାକୁ କଟକ ସ୍ଥାନାନ୍ତରିତ କରାଯାଇଛି। ଜ୍ୱାଇଁ ହେଉଛି ତାଳଚେରର ଶକ୍ତିଧର ଦାସ। ପୁରୀରେ ରହି ଡ୍ରାଇଭିଂ କରି ଚଳୁଥିଲା। କିଛିଦିନ ତଳେ ସେ ଭଲପାଇ ତିଳୋତ୍ତମା କରଙ୍କ ସାନଝିଅକୁ ବିବାହ କରିଥିଲା। ମାତ୍ର ବଡଝିଅ ଥାଇ ଆଗ ସାନଝିଅ ବିବାହ ହୋଇଥିବାରୁ ଶାଶୁ ଘରକୁ ଛାଡୁନଥିଲେ ଜ୍ୱାଇଁ। ଫଳରେ ଶକ୍ତିଧର ରାଗିଯାଇ ଆଜି ଅପରାହ୍ନରେ କଚେରି ଛକରୁ ଏକ ଛୁରୀ କିଣି ଶାଶୁ ଘରେ ଏକାକୀ ଥିବାବେଳେ ୮ ଥର ଆକ୍ରମଣ କରିଥିଲା। ଶାଶୁଙ୍କ ପେଟର ଅନେକ ଯାଗାରେ ଷ୍ଟେବିଂ କରିଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁଁ ଶାଶୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇଁ ବଳିଆପଣ୍ଡା, ବାସେଳୀସାହି ଥାନା ପୁଲିସ ସହ ଅତିରିକ୍ତ ଏସପି ଘଟଣାସ୍ଥଳରେ ପହଞ୍ଚି ଛାନବିନ ଆରମ୍ଭ କରିଛନ୍ତି। ମୃତ ତିଳୋତ୍ତମା କରଙ୍କ ବଡ଼ଝିଅ ବାସେଳୀସାହି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ୧୮ ହଜାର ୩୫୦ ଟଙ୍କା ଦାନ କଲେ ଚା ଦୋକାନୀ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସମାଜସେବୀ ତଥା ଚା ଦୋକାନୀ ଶିବ ଶଙ୍କର ଜେନା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୮ ହଜାର ୩୫୦ ଟଙ୍କା ଦାନ କରିଛନ୍ତି। ଏଠାରେ ପ୍ରକାଶ ଥାଉକି କି ଗତ କିଛିଦିନ ତଳେ ବିଏମ୍‌ସି ଏବଂ ବିଡ଼ିଏ କର୍ତ୍ତୃପକ୍ଷ ମିଳିତ ଭାବେ ଶିବଶଙ୍କରଙ୍କ ଆଚାର୍ଯ୍ୟ ବିହାର ଆରଟିଓ ଅଫିସ୍ ନିକଟରେ ଥିବା ଚା ଦୋକାନଟିକୁ ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିଲେ। ଚା ଦୋକାନକୁ ହରାଇବା ପରେ ଶିବଶଙ୍କର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଶିବଶଙ୍କରଙ୍କ ବିଷୟରେ ଶୁଣିବା ପରେ ତାଙ୍କୁ ଚା ଦୋକାନ କରିବାକୁ ବିଏମ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ଶିବଶଙ୍କର ପୁନର୍ବାର ଆରଟିଓ ଅଫିସ୍ ନିକଟରେ ନୂତନ ଚା ଦୋକାନ କରିଥିଲେ ଏବଂ ତାଙ୍କ ମନରେ ଗୋଟିଏ ଅବଶୋଷ ଥିଲା ଯେ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଚା ଦୋକାନ ଫେରିପାଇଥିବାରୁ, ଚା ଦୋକାନରୁ ଲାଭ କରୁଥିବା ଅର୍ଥକୁ ସେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିବେ। ଏଥିସହିତ ମହାମାରୀ କରୋନା ଯୋଗୁ ଶିବଶଙ୍କରଙ୍କୁ ୯ ମାସର କୋଭିଡ଼ ସହାୟତା ମିଳିଥିବା ୬ ହଜାର ୭ଶହ ଟଙ୍କା ଏବଂ ନିଜ ଚା ଦୋକାନରୁ ଆୟ କରିଥିବା ଅର୍ଥକୁ ମିଶାଇ ମୋଟ ୧୮ ହଜାର ୩୫୦ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଥିଲେ।ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଶିବଶଙ୍କର ଶୁକ ବିହାର ବସ୍ତିରେ ଦୀର୍ଘଦିନ ରହି ଆଚାର୍ଯ୍ୟ ବିହାର ଆରଟିଓ ଅଫିସ୍ ସମ୍ମୁଖରେ ଚା ଦୋକାନ କରି ନିଜର ଗୁଜୁରାଣ ମେଣ୍ଟାଇବା ସହିତ ଗରିବ ଅସହାୟ ଲୋକମାନଙ୍କୁ ସହଯୋଗର ହାତ ବଢାଇ ଆସୁଥିଲେ। ଶିବଶଙ୍କର ରହୁଥିବା ବସ୍ତି ସମେତ ରାଜଧାନୀର ଅନ୍ୟାନ୍ୟ ବସ୍ତିମାନଙ୍କରେ ମାନ୍ୟବର ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା ମାଧ୍ୟମରେ ଲୋକଙ୍କୁ ସେବା ଯୋଗାଇ ଆସୁଛନ୍ତି।

## ଅହମଦୀୟା ମୁସଲିମ ସମାଜରେ ପ୍ରତିଶ୍ରୁତ ମସିହ ଦିବସ ପାଳିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ):ୟୁନିଟ-୪ ସ୍ଥିତ ମସଜିଦ ହମଦ ଠାରେ ୨୩ ମାର୍ଚ୍ଚ ପ୍ରତିଶ୍ରୁତ ମସିହ ଦିବସ ଉପଲକ୍ଷେ ଏକ ଶାନ୍ତି ଓ ସଦ୍ଭାବନା ଧର୍ମସଭା ଅନୁଷ୍ଠିତ ହୋଇଛି । ଏହି ସଭାରେ ଅହମଦୀୟା ମୁସଲିମ ଜମାତର ସଭାପତି ମୁହମ୍ମଦ ନୁରୁଦ୍ଦିନ ଅମିନ ପୌରୋହିତ କରିଥିବା ବେଳେ ପ୍ରାରମ୍ଭରେ ହାସିମ ଅହମଦ ପବିତ୍ର କୋରାନ ପାଠ କରିଥିବା ବେଳେ ଜିଆଉଲ ହକ ଓଡ଼ିଆ ଅନୁବାଦ କରିଥିଲେ । କମାଲ ଅହମଦ ଏକ ଉର୍ଦ୍ଦୁ ସଂଗୀତ ଗାନ କରିଥିଲେ। ଅହମଦୀୟା ମୁସଲିମ ଜମାତ ଏକ ଆଧ୍ୟାତ୍ମିକ ଆନ୍ଦୋଳନ। ଯାହାର ସୂତ୍ରପାତ ୧୮୮୯ ମସିହା ମାର୍ଚ୍ଚ ମାସରେ ୪୦ ଜଣ ଭଦ୍ର ବ୍ୟକ୍ତିଙ୍କ ଦ୍ୱାରା ପଞ୍ଜାବ ପ୍ରଦେଶର ଲୁଧିଆନା ଠାରେ ହୋଇଥିଲା। ଯାହା ଏବେ ୨୧୫ଟି ରାଷ୍ଟ୍ରରେ କୋଟି କୋଟି ସଂଖ୍ୟାରେ ପରିବ୍ୟାପ୍ତ ବୋଲି ନାସର ଖାଁ ଦର୍ଶାଇଛନ୍ତି। ଏହି ଧର୍ମସଭାରେ ଯୋଗଦେଇ ମୌଲାନା ଅବ୍ଦୁଲ ହଲିମ ଖାଁ କହଲେ; ଏହି ସମ୍ପ୍ରଦାୟ ପ୍ରତିଷ୍ଠା ହେବାର ମୁଖ୍ୟ ଉଦ୍ଦେଶ୍ୟ ହେଲା, ଇସଲାମ ଧର୍ମର ଶାନ୍ତିପୂର୍ଣ୍ଣ ଶିକ୍ଷା ଓ ତା'ର ବାସ୍ତବ ରୂପକୁ ଅଧିକ ସୁନ୍ଦର ଭାବେ ସଂସାର ସମ୍ମୁଖରେ ଉପସ୍ଥାପନ କରିବା ଓ ଏହାର ମୂଳ ଲକ୍ଷ ହେଲା ମାନବ ସମାଜକୁ ଇସଲାମ ଏକ ଶାନ୍ତି ଓ ନିରାପତାର ଧର୍ମ ବୋଲି ବୁଝାଇବା । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ମୌଲାନା ଫଜଲ ହକ ଖାଁ କହିଲେ; ଇସଲାମ ଅହିଂସାର ଶିକ୍ଷା ଦେଇଥାଏ, ଇସଲାମ ଆଳରେ ଜେହାଦ ନାମ ନେଇ ଯେଉଁମାନେ ନିରୀହ ଲୋକଙ୍କୁ ହତ୍ୟା କରୁଛନ୍ତି, ସେମାନଙ୍କ ବିକୃତ ମାନସିକତାର ଦୃଢ ପ୍ରତିବାଦ କରିବା ସହିତ ଏହା ଜଣାଇବା ଉଚିତ୍ ଯେ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ ସମଗ୍ର ମାନବ ଜାତି ପାଇଁ କରୁଣାର ପାତ୍ର ହୋଇ ଆସିଥିଲେ। ଅହମଦୀୟା ମୁସଲିମ ସଂଗଠନର ସଂସ୍ଥାପକ ହଜରତ ମିର୍ଜା ଗୁଲାମ ଅହମଦ କହିଛନ୍ତି, ମୁଁ ସବୁ ମୁସଲମାନ, ଖ୍ରୀଷ୍ଟିଆନ, ହିନ୍ଦୁ ଓ ଆର୍ଯ୍ୟ ସମାଜୀଙ୍କ ନିକଟରେ ଘୋଷଣା କରୁଛି ଯେ ଏହି ସଂସାରରେ ମୋର କେହି ଶତ୍ରୁ ନାହାନ୍ତି। ମୁଁ ମାନବ ସମାଜକୁ ଏପରି ପ୍ରେମ କରେ ଯେପରି ସନ୍ତାନକୁ ତା'ର କରୁଣାମୟୀ ମାତା, ବରଂ ତା' ଠାରୁ ମଧ୍ୟ ଅଧିକ। ମୁଁ କେବଳ ସେହି ମିଥ୍ୟା ମତବାଦର ଶତ୍ରୁ, ଯାହା ସତ୍ୟକୁ ବିନାଶ କରେ। ମଣିଷ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ମୋର କର୍ତବ୍ୟ। ମିଥ୍ୟା, ଅନେକେଶ୍ୱରବାଦ, ଅତ୍ୟାଚାର ତଥା ପ୍ରତ୍ୟେକ ପ୍ରକାର ଅସଦାଚରଣ, ଅନ୍ୟାୟ ଓ ଦୁଃଶ୍ଚରିତ୍ର କର୍ମକୁ ଅସ୍ୱୀକାର କରିବା ମୋର ନୀତି। ଆମର ସିଦ୍ଧାନ୍ତ ସମଗ୍ର ମାନବଜାତି ପ୍ରତି ସହାନୁଭୂତି। ଜିଲ୍ଲାଃ ଅହମଦୀୟା ମୁସଲିମ ହ୍ୟୁମାନିଟିଫାଷ୍ଟ ସଂସ୍ଥାର ସଭାପତି ସୈଫୁର ଅହମଦ ଯୋଗଦେଇ କହିଲେ; ହଜରତ ମିର୍ଜା ଗୁଲାମ ଅହମଦ ଜଣେ ବିଶ୍ୱଗୁରୁ ଓ ବିଶ୍ୱ ସୁଧାରକ ଥିଲେ।

### ମାନସ ସ୍ୱାଇଁ ହତ୍ୟା ମାମଲା

## ଭୁବନେଶ୍ୱରର ଦୟାଲ ବୃଦ୍ଧାଶ୍ରମରେ କ୍ରାଇମବ୍ରାଞ୍ଚର ଟିମ୍




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାକୁ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପ୍ରକୃତ ଦୋଷୀ ପାଖରେ ପହଞ୍ଚି ପାରି ନାହିଁ ପୋଲିସ୍ । ଏହି ମାମଲା କ୍ରାଇମବ୍ରାଞ୍ଚ ହାତକୁ ଗଲା ପରେ ଏହାର ତଦନ୍ତର ମୋଡ଼ ବଦଳିଛି । ଭୁବନେଶ୍ୱରର ଦୟାଲ ବୃଦ୍ଧାଶ୍ରମରେ କ୍ରାଇମବ୍ରାଞ୍ଚ ଟିମ୍ ର ତନାଘନା କରାଯାଉଛି ।ଡ଼ିଏସପି କଳ୍ପନା ସାହୁଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ତଦନ୍ତ ଆରମ୍ଭ କରିଛି । ଆଶ୍ରମର ମହିଳା କେୟାରଟେକର ଙ୍କୁ ସାଥୀରେ ଧରି ଛାନଭିନ୍ ଆରମ୍ଭ ହୋଇଛି । ଫରେନସିକ୍ ଟିମ୍ ସହ ଏମସ୍ ର ଡ଼ାକ୍ତରୀ ଦଳ ମଧ୍ୟ ଏହି ଛାନଭିନ୍ ର ସାମିଲ୍ ହୋଇଛନ୍ତି । କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ପୋଲିସ୍ ଡିଜି । ଏହି ମାମଲାରେ ଜଡ଼ିତ ସମସ୍ତ କାଗଜପତ୍ର କ୍ରାଇମ୍‌ବ୍ରାଞ୍ଚକୁ ହସ୍ତାନ୍ତର ହୋଇଥିଲା । ତଦନ୍ତ ପାଇଁ ଚାନ୍ଦବାଲି ଅଭିମୁଖେ କ୍ରାଇମ୍‌ବ୍ରାଞ୍ଚ ଟିମ୍ ବାହାରିଥିଲା । ସେହିପରି ଅନ୍ୟଏକ ଟିମ୍ ଶର୍ମିଷ୍ଠାଙ୍କୁ ଗିରଫ କରିବା ପାଇଁ ବାହାରିଥିବା ସୂଚନା ମିଳିଥିଲା ।ମୁଖ୍ୟ ଅଭିଯୁକ୍ତ ଶର୍ମିଷ୍ଠା ରାଉତ ଏବଂ ତାଙ୍କ ସହଯୋଗୀ ଝୁନା ଭୋଇ ଯାଜପୁର କାଳିଆପାଣି ଅଞ୍ଚଳରେ ୩ ଦିନ ଲୁଚି ରହିଥିବା ପୋଲିସ୍‌କୁ ସୂଚନା ମିଳିଛି । ଏନେଇ ଖବର ଜଣାପଡିବା ପରେ ଶର୍ମିଷ୍ଠାଙ୍କ ଶାଶୁଙ୍କୁ ତଦନ୍ତକାରୀ ଟିମ୍ ପଚରାଉଚରା କରି ଫେରିଥିବା ଜଣାପଡିଛି । ମାମଲାରେ ତଦନ୍ତକୁ ତ୍ୱରାନିତ ନେଇ ରାଜ୍ୟ ବାହାରକୁ କ୍ରାଇମବ୍ରାଞ୍ଚର ଏକ ଟିମ୍ ଗସ୍ତ କରିଛି ।

## ଗ୍ରାମୀଣ ଯୁବକଙ୍କ ବ୍ୟକ୍ତିତ୍ୱର ପୂର୍ଣ୍ଣ ବିକାଶ ପାଇଁ କ୍ରୀଡ଼ା ହିଁ ମୂଳମନ୍ତ୍ର: ଡଃ ତପନ ଚାନ୍ଦ



ପୁରୀ, (ସଂଦେଶ ବ୍ୟୁରୋ): ପୁରୀର ଗ୍ରାମ ଯୁବକମାନଙ୍କ ଚେଷ୍ଟାରେ ପ୍ରାୟ ୩୦ରୁ ଅଧିକ ଗ୍ରାମ ଗତ ଦଶନ୍ଧିରୁ ଗ୍ରାମୀଣ କ୍ରୀଡ଼ା ପ୍ରତିଯୋଗିତା ପାଇଁ ସଂଗଠିତ ହେଉଛନ୍ତି। ଏହି ବର୍ଷ ମାର୍ଚ୍ଚ ମାସ ୨୦ ତାରିଖରୁ ୨୨ ତାରିଖ ଯାଏଁ ଦିବାରାତ୍ର କ୍ରିକେଟ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଶିଳ୍ପ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ଡଃ ତପନ କୁମାର ଚାନ୍ଦ ଏବଂ ପ୍ରତିଷ୍ଠିତ ଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଉଦଘାଟନ ସମାରୋହରେ ଯୋଗ ଦେଇ ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଉଭୟ ଏହି ଅଞ୍ଚଳର ମୂଳ ନିବାସୀ ଗୋପ ବ୍ଲକର କଣ୍ଠାପଡ଼ା ବିଭିନ୍ନ ଦୃଷ୍ଟିକୋଣରୁ ଏକ ଆଦର୍ଶ ଗ୍ରାମ । ଏହି ଗ୍ରାମର ଯୁବକମାନେ ସମାଜ ସେବା ପାଇଁ ସର୍ବଦା ସକ୍ରିୟ । ପ୍ରଶସାନ ଠାରୁ କୌଣସି ସାହାଯ୍ୟ ନପାଇ ମଧ୍ୟ ସେମାନେ ନିଜ ଅନୁଦାନରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ କରି ସମସ୍ତଙ୍କୁ ଉତ୍ସାହିତ କରୁଛନ୍ତି ।

# ଭଗବାନ ବୁଦ୍ଧଙ୍କ ବାଣୀ ବିଶ୍ୱ ପାଇଁ ସବୁ ସମୟରେ ମଙ୍ଗଳମୟ: ବାବା ବଳିଆ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବିଶିଷ୍ଟ ଧର୍ମଗୁରୁ, ସଂସ୍କାରକ ତଥା ପ୍ରକୃତି ମିତ୍ର ଶ୍ରୀମଦ୍ ବାବା ବଳିଆଙ୍କୁ ଭାରତ ସରକାରଙ୍କ ଦ୍ୱାରା ପଦ୍ମଶ୍ରୀ ପ୍ରଦାନ ଅବସରରେ ମହାବୋଧି ସୋସାଇଟି, ଓଡ଼ିଶା ଶାଖା ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ସଭାପତି ଡଃ ବିମଳେନ୍ଦୁ ମହାନ୍ତିଙ୍କ ପୌରହିତ୍ୟରେ ମହା ସମାରୋହରେ ପାଳିତ ହୋଇଯାଇଛି।

କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ବାବା କହିଲେ ଯେ, ଭଗବାନ ବୁଦ୍ଧଙ୍କ ପବିତ୍ର ବୃକ୍ଷ ବୋଧିଦ୍ରୁମଠାରେ ପହଞ୍ଚି ମୁଁ ନିଜକୁ ଧନ୍ୟ ମନେ କରୁଛି। ଭଗବାନ ତଥାଗତ ବୁଦ୍ଧଙ୍କ ପ୍ରଦତ୍ତ ବାଣୀ ବିଶ୍ୱ ପାଇଁ ସବୁବେଳେ ମଙ୍ଗଳମୟ। ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ସମସ୍ତ ସାଧୁସନ୍ଥମାନେ ପରମାତ୍ମାଙ୍କୁ ପ୍ରାର୍ଥନା କରିବାକୁ ବାବା ଆହ୍ୱାନ ଦେଇଥିଲେ।

ବିଶିଷ୍ଟ ଅତିଥି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ବାବାଙ୍କୁ ସମ୍ବର୍ଦ୍ଧିତ କରି କହିଲେ ଯେ, ବାବା ସମାଜ ସୁଧାର ପାଇଁ ଧର୍ମ ସହ ବିଜ୍ଞାନକୁ ସଂଯୋଗ କରି ସମାଜକୁ ଏକ ନୂତନ ବାର୍ତ୍ତା ଦେଉଛନ୍ତି। ପୂର୍ବତନ ବିଧାୟକ ଯଜ୍ଞେଶ୍ୱର ବାବୁ କହିଲେ ଯେ, ଗଣତନ୍ତ୍ର ଜ୍ଞାନଯଜ୍ଞ ଭଳି ଏକ ଅଭିନବ ପରିକଳ୍ପନା ବାବା ୨୦୦୭ ମସିହାରେ କରି ଗୋଟିଏ ମଞ୍ଚରେ ବିଭିନ୍ନ ରାଜନୈତିକ ଦଳକୁ ବସାଇ ପାରିଥିଲେ। ବିଶିଷ୍ଟ ସଂସ୍କୃତ ବିଦ୍ୱାନ ପୂର୍ବତନ କୁଳପତି ଡଃ ହରେକୃଷ୍ଣ ଶତପଥୀ କହିଲେ ଯେ, ବାବା ସମନ୍ୱୟବାଦୀ ସନ୍ଥ। ବାବା ସର୍ବଧର୍ମ ସମନ୍ୱୟର ପ୍ରତୀକ।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ମହାବୋଧିର କେନ୍ଦ୍ରୀୟ ଉପସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ପରେ ବାବାଙ୍କୁ ଉତ୍ତରୀୟ ଓ ଭଗବାନ ବୁଦ୍ଧଙ୍କ ଫଟୋଚିତ୍ର ସହ ଅନୁଷ୍ଠାନର ସମ୍ପାଦକ ଡଃ ସୌରେନ୍ଦ୍ର କୁମାର ମହାପାତ୍ର ସମ୍ବର୍ଦ୍ଧିତ କରିଥିଲେ।

# ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡିଶା ଆଗମନର ୧୦୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଲୋଚନା ଚକ୍ର




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶ ସମ୍ପର୍କିତ ତଥ୍ୟ ପୁସ୍ତକରୁ ପଢି ଜାଣିବା ଏବଂ ବାସ୍ତବ ଜୀବନରେ ଏହାର ପ୍ରୟୋଗ କରିବା ମଧ୍ୟରେ ଅନେକ ପାର୍ଥକ୍ୟ ଅଛି। ଗାନ୍ଧୀଜୀଙ୍କ ନୀତି ଓ ଆଦର୍ଶକୁ ଯୁବସମାଜ ଜୀବନର ଅଭିଜ୍ଞତା ମାଧ୍ୟମରେ ଅନୁଧ୍ୟାନ ଓ ଅନୁଶୀଳନ କରି ଜୀବନର ପ୍ରୟୋଗ କଲେ ନିଜ ବ୍ୟକ୍ତିତ୍ୱର ପରିସ୍ଫୁଟନ ସହିତ ସମାଜରେ ସ୍ନେହ, ସଂପ୍ରୀତି ଓ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ହୋଇପାରିବ ବୋଲି ମହାତ୍ମା ଗାନ୍ଧୀଙ୍କ ପ୍ରଥମ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ପାଳନ ଅବସରରେ ରାଜ୍ୟ ଅଭିଲେଖାଗାର ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ରଂଜନ କୁମାର ଦାସ ପ୍ରକାଶ କରିଛନ୍ତି। ଗାନ୍ଧୀଜୀ କେବଳ ଜଣେ ବ୍ୟକ୍ତି ନଥିଲେ, ସେ ଥିଲେ ଏକ ବିଚାର। ସତ୍ୟ ଓ ଅହିଂସାର ପରୀକ୍ଷାଗାର ତାଙ୍କ ବିଚାର ଉତ୍ତୀର୍ଣ୍ଣ ହେଲା ପରେ ଯାଇ ସେ ତା'ର ପ୍ରୟୋଗ ସମାଜରେ କରୁଥିଲେ। ବାସ୍ତବରେ ସେ ଥିଲେ ସୃଷ୍ଟି, ସୃଜନଶୀଳତା ଓ ସନ୍ତୁଳନର ପ୍ରତୀକ ବୋଲି ମୁଖ୍ୟବକ୍ତା ବିଶିଷ୍ଟ ଗାନ୍ଧୀବାଦୀ ଲେଖକ ଶ୍ରୀ ଗୌରାଙ୍ଗ ଚରଣ ପରିଡ଼ା ପ୍ରକାଶ କରିଥିଲେ। ସାଧାରଣ ମଣିଷଙ୍କ ଭଳି ଗାନ୍ଧୀଜୀଙ୍କ ଜୀବନରେ ମଧ୍ୟ ଅନେକ ଦ୍ୱନ୍ଦ ଉପନ୍ନ ହୋଇଛି ଏବଂ ସେ ତା'ର ସମାଧାନର ବାଟ ମଧ୍ୟ କାଢିଛନ୍ତି ଓ ତାହା ପରବର୍ତ୍ତୀ ସମୟରେ ଯୁବସମାଜକୁ ଅନୁପ୍ରାଣୀତ କରିଛି ବୋଲି ଶ୍ରୀ ପରିଡ଼ା ପ୍ରକାଶ କରିଥିଲେ। ଆଜିର ଆଲୋଚନା ଚକ୍ରର ବିଷୟବସ୍ତୁ ଥିଲା 'ଆଧୁନିକ ଯୁବସମାଜର ଆଦର୍ଶ-ମହାତ୍ମା ଗାନ୍ଧୀ'। ରାଜ୍ୟ ଅଭିଲେଖାଗାର ଅଧୀକ୍ଷକ ଡ. ଶେଖ୍ ସୁଲେମାନ୍ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଶ୍ରୀ ଉପେନ୍ଦ୍ର କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ନବନିର୍ବାଚିତ ସମସ୍ତ ପୌରାଧ୍ୟକ୍ଷଙ୍କ ସମେତ ୱାର୍ଡ କାଉନସିଲର ଏବଂ କର୍ପୋରେଟରମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ : ସମୀର



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜ୍ୟ ସରକାର ଜାଣିଶୁଣି ପୌର ନିର୍ବାଚନକୁ ବିଳମ୍ବ କରି ଆସୁଥିଲେ । ଚଳିତ ପୌର ନିର୍ବାଚନରେ ପ୍ରଥମ ଥର ପୌରାଧ୍ୟକ୍ଷ ପଦ ପାଇଁ ସିଧାସଳଖ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ଏବଂ ଭାରତୀୟ ଜନତା ପାର୍ଟୀ ୧୬ଟି ଏନଏସି ଓ ପୌରପାଳିକାରେ ଅଧ୍ୟକ୍ଷ ପଦ ହାସଲ କରିଛି । ନବନିର୍ବାଚିତ ସମସ୍ତ ପୌରାଧ୍ୟକ୍ଷଙ୍କ ସମେତ ୱାର୍ଡ କାଉନସିଲର ଏବଂ କର୍ପୋରେଟରମାନଙ୍କୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।ଭାରତୀୟ ଜନତା ପାର୍ଟି ପ୍ରତି ଆସ୍ଥା ପ୍ରକଟ କରିଥିବା ରାଜ୍ୟର ସମସ୍ତ ସହରାଂଚଳବାସୀଙ୍କୁ ଧନ୍ୟବାଦ ଜଣାଇବା ସହିତ ରାଜ୍ୟର ସହରାଂଚଳର ବିକାଶ ପାଇଁ ବିଜେପି ଲଢେଇ ଜାରୀ ରଖିବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି କହିଛନ୍ତି ।

# ପିଆଇବି କାର୍ଯ୍ୟାଳୟରେ ଆଜାଦୀ କା ଅମୃତ ମହୋତ୍ସବ ଫଟୋଚିତ୍ର ଉଦ୍‌ଘାଟିତ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଭାରତ ସରକାରଙ୍କ, ସୂଚ଼ନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅନ୍ତର୍ଗତ, ଆଂଚ଼ଳିକ ଜନ ସମ୍ପର୍କ କାର୍ଯ୍ୟାଳୟ, ଭୁବନେଶ୍ୱର ପରିସରରେ 'ଆଜାଦୀ କା ଅମୃତ ମହୋତ୍ସବ' ଶୀର୍ଷକ ମିନି ଫଟୋଚ଼ିତ୍ର ପ୍ରଦର୍ଶନୀ ଏବଂ ଫଟୋ ଗାଲ୍ଲେରୀ ପତ୍ର ସୂଚ଼ନା କାର୍ଯ୍ୟାଳୟ, ପୂର୍ବ ଜୋନର ମହାନିର୍ଦ୍ଦେଶକ ଶ୍ରୀ ଭୁପେନ୍ଦ୍ର କେନ୍‌ଥୋଲାଙ୍କ ଦ୍ୱାରା ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ଶ୍ରୀ କେନ୍‌ଥୋଲା ଭାରତର ସ୍ୱାଧିନତା ସଂଗ୍ରାମରେ ଅଂଶ ଗ୍ରହଣ କରିଥିବା ଓଡିଶାର ମହାନ ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମଧ୍ୟ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ। ଓଡିଶାର ମହାନ କଳା ସଂସ୍କୃତି ତାଙ୍କୁ ସବୁ ବେଳେ ଅନୁପ୍ରାଣିତ କରିଛି ଏବଂ ଓଡିଶା ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି ବୋଲି ଶ୍ରୀ କେନ୍‌ଥୋଲା ମତ ପ୍ରକାଶ କରିଛନ୍ତି। ଏହି ଅବସରରେ ବିଭାଗୀୟ କଳାକାରମାନଙ୍କ ଦ୍ୱାରା ଦେଶାତ୍ମବୋଧକ ସଂଗୀତ ଏବଂ ନୃତ୍ୟ ମଧ୍ୟ ପରିବେଷଣ କରଯାଇଥିଲା।

# ଡଃ ରାମମନୋହର ଲୋହିଆଙ୍କର ୧୧୨ତମ ଜନ୍ମଜୟନ୍ତୀ ଓ ଭଗତ ସିଂଙ୍କର ୯୧ତମ ଫାଶି ଦିବସ ପାଳିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ, ପ୍ରଖର ସମାଜବାଦୀ ଚିନ୍ତକ, ସାମାଜିକ ନ୍ୟାୟ ଆନ୍ଦୋଳନର ଆଦ୍ୟ ପ୍ରବକ୍ତା ଡଃ ରାମମନୋହର ଲୋହିଆଙ୍କର ୧୧୨ତମ ଜନ୍ମ ଜୟନ୍ତୀ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଲୋହିଆ ଭବନଠାରେ ମହାସମାରୋହରେ ପାଳିତ ହୋଇଯାଇଛି।

ପାର୍ଟିର ରାଜ୍ୟ ସଭାପତି ରବି ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ଡଃ ଲୋହିଆ ଓ ସହିଦ-ଇ-ଆଜମ ଭଗତ ସିଂଙ୍କର ଫଟୋଚିତ୍ରରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। ଏହାପରେ ଆଲୋଚନା ଆରମ୍ଭ କରି ସଭାପତି ଶ୍ରୀ ବେହେରା କହିଥିଲେ ଯେ, 'ଦାମ୍ ବାନ୍ଧୋ, ରୋଜଗାର ଦୋ' ଡଃ ଲୋହିଆଙ୍କର ୫୦ ଦଶକରେ ଯେଉଁ ନାରା ଥିଲା ତାହା ଆଜି ମଧ୍ୟ ପ୍ରଯୁଜ୍ୟ। ଆଜି ଯେତେବେଳେ ପେଟ୍ରୋଲ, ଡ଼ିଜେଲ ଓ ରନ୍ଧନ ଗ୍ୟାସ୍‌ର ଦାମ ହୁ ହୁ ହୋଇ ବଢିଚାଲିଛି ତା ସାଙ୍ଗକୁ ଅଟା, ଚାଉଳ, ମଇଦା, ଖାଇବା ତେଲ ସମେତ ବିଭିନ୍ନ ଖାଦ୍ୟ ପଦାର୍ଥର ଦର ଆକାଶଛୁଆଁ ହୋଇଛି, ସେତିକିବେଳେ ଦେଶବାସୀଙ୍କ ପାଖରେ ଲୋହିଆଙ୍କ ଆଦର୍ଶ ଓ ତ୍ୟାଗ ଆହୁରି ନିକଟତର ହୋଇଛି। ଦରଦାମ ବିରୁଦ୍ଧରେ ଜୋରଦାର ଆନ୍ଦୋଳନ କରିବା ହିଁ ହେବ ଏହି ସମାଜବାଦୀ ଚିନ୍ତକଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ସଞ୍ଜୟ ନାୟକ, ରବି ସୁନାନି, ମନୋରଞ୍ଜନ ମଲ୍ଲିକ, ଅଜୟ ସାହୁ, ଦେଶପ୍ରିୟ ଦାସ ଓ ସତ୍ୟବ୍ରତ ଜେନା ପ୍ରମୁଖ ଲୋହିଆ ଓ ଭଗତ ସିଂଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଦରଦାମ ବୃଦ୍ଧି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଆହ୍ୱାନ କରିଥିଲେ। ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ ନିଜ ବକ୍ତବ୍ୟରେ ଡଃ ଲୋହିଆଙ୍କର ବକ୍ତବ୍ୟ-'ରୁଟି କପଡ଼ା ଶସ୍ତି ହୋଗି, ପଢା ଦବା ମୁଫ୍‌ତି ହୋଗି' ହିଁ ଆଜି ଆମ ସମସ୍ତଙ୍କ ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

# ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଯାପିତ



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ବିଜ୍ଞାନ ମଣିଷ ଜୀବନକୁ ଆଗକୁ ନେଇପାରେ ଓ ଖୁସି ଦେଇପାରେ। କିନ୍ତୁ ସାହିତ୍ୟ ଜୀବନକୁ ବୁଝିବାରେ ବହୁ ଭାବରେ ସାହାଯ୍ୟ କରେ। ପଛୁକୁ ଚାହିଁ ଉପଲବ୍ଧିର ନୂଆ ମାର୍ଗ ପ୍ରସ୍ତୁତ କରେ ସାହିତ୍ୟ। ଗୋଟିଏ ସମର୍ଥ ଓ ସଶକ୍ତ ସମାଜ ଗଢିତୋଳିବାରେ ସାହିତ୍ୟର ଭୂମିକା ଯୁଗେ ଯୁଗେ ସ୍ୱୀକୃତ ହୋଇଆସିଛି। ଅନ୍ୟପକ୍ଷରେ ସମକାଳର ସାହିତ୍ୟିକ ରାଜନୀତି ଏବଂ ସାଂପ୍ରତିକ ସାମାଜିକ ସ୍ଥିତି ନେଇ ଅନ୍ୟମାନଙ୍କୁ ସଚେତନ କରିପାରେ। ରାଜନୀତି ଓ ସାହିତ୍ୟର ଲକ୍ଷ୍ୟ ଗୋଟିଏ, ମାତ୍ର ମାଧ୍ୟମ ପୃଥକ ହୋଇପାରେ ବୋଲି ଭୁବନେଶ୍ୱର ସାହିତ୍ୟ ପର୍ବର ଉଦଯାପନ କାର୍ଯ୍ୟକ୍ରମରେ ଅତିଥିମାନେ ମତ ଦେଇଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ 'ଭୁବନେଶ୍ୱର ସାହିତ୍ୟ ପର୍ବ'ର ମୁକ୍ତ ଅଧିବେଶନରେ ସମ୍ବାଦର ସମ୍ପାଦକ ତଥା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଓ ବିଶିଷ୍ଟ ସ୍ତମ୍ଭକାର ତଥା ଆଲୋଚକ ପ୍ରଫେସର ନିରଞ୍ଜନ ପାଢୀ ଯୋଗଦେଇ ସାହିତ୍ୟିକ, ସାହିତ୍ୟ ଓ ସାହିତ୍ୟ ସଂଗଠନଗୁଡିକ ଉପରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଉପସଭାପତି କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଆଭାସ ବରାଳଙ୍କ ଗପବହି 'ଇଂଟରଭ୍ୟୁ', ସୁନନ୍ଦା ତ୍ରିପାଠୀଙ୍କ କବିତା ବହି 'କବିତା କାରୁଣ୍ୟପା' ଓ ସୂର୍ଯ୍ୟ ମିଶ୍ରଙ୍କ କବିତା ବହି 'ଅନ୍ୟମନସ୍କ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିବାବେଳେ ଉତ୍ସବ ନିର୍ଦ୍ଦେଶକ ଡ. ଅଶୋକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ମାର୍ଚ୍ଚ ମାସ ଶେଷ ତାରିଖ ସୁଦ୍ଧା କଂଗ୍ରେସ ସଦସ୍ୟ ସଂଗ୍ରହ ଅଭିଯାନ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସର୍ବଭାରତୀୟ କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ସୋନିଆ ଗାନ୍ଧୀ ନଭେମ୍ବର ମାସ ୧ ତାରିଖରୁ ନୂତନ ୦କଂଗ୍ରେସ ସଦସ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଥିଲେ। ଚଳିତ ମାର୍ଚ୍ଚ ମାସ ୩୧ ତାରିଖ କଂଗ୍ରେସର ପ୍ରାଥମିକ ସଦସ୍ୟ ସଂଗ୍ରହର ଶେଷ ତାରିଖ ବୋଲି ରାଜ୍ୟ ସଭା ସଦସ୍ୟ ତଥା ଓଡ଼ିଶା ପିଆରଓ ଶ୍ରୀଯୁକ୍ତ ନିରଜ ଡାଙ୍ଗି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ସଦସ୍ୟ ସଂଗ୍ରହ ଅଭିଯାନ ସମାପ୍ତ ପରେ ମେ ମାସ ୧୬ ତାରିଖରୁ ୩୦ ତାରିଖ ଭିତରେ ବ୍ଲକସ୍ତରୀୟ କମିଟି ପାଇଁ ନିର୍ବାଚନ ହେବ ଏବଂ ଜୁନ ମାସ ସୁଦ୍ଧା ଜିଲ୍ଲା ସ୍ତରୀୟ ନିର୍ବାଚନ ସମାପ୍ତ ହେବ। ଜୁଲାଇ ମାସ ସୁଦ୍ଧା ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ ହେବ ଏବଂ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ସର୍ବଭାରତୀୟ କଂଗ୍ରେସ ଦଳର ସଭାପତି ଏବଂ ଅନ୍ୟାନ୍ୟ କାର୍ଯ୍ୟକର୍ତାଙ୍କ ପାଇଁ ନିର୍ବାଚନ ହେବ। ଏହି ନିଷ୍ପତିରେ କୌଣସି ପରିବର୍ତନ ହେବ ନାହିଁ ବୋଲି ରୋକ ଠୋକ ଶ୍ରୀ ଡାଙ୍ଗି ପ୍ରକାଶ କରିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ ସାମ୍ବାଦିକ ମାନଙ୍କର ବିଭିନ୍ନ ପ୍ରଶ୍ନର ଉତର ଦେଇ କହିଥିଲେ ଯେ ସଦସ୍ୟ ସଂଗ୍ରହ ଅଭିଯାନ ଓଡ଼ିଶାରେ ବୁଥ ସ୍ତରରୁ କରାଯାଉଛି। ଏହି କାର୍ଯ୍ୟ ପାଖାପାଖି ରାଜ୍ୟରେ ୨ ମାସରୁ ଅଧିକ ଦିନ ଧରି ଚାଲୁ ରହିଛି।

# ମଧୁ ବାବୁଙ୍କୁ ଭାରତରତ୍ନ ଦାବି



ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ଉତ୍କଳ ଗୌରବ ମଧୁସୁଦନ ଦାସଙ୍କୁ ମରଣୋତର ଭାରତ ରତ୍ନ ପ୍ରଦାନ ଦାବି ଜୋର ଧରିଛି। ଏନେଇ ଆନ୍ଧ୍ରପ୍ରଦେଶର ତିରୁପତିରେ ଦସ୍ତଖତ ସଂଗ୍ରହ କରାଯାଇଛି। ମଧୁବାବୁଙ୍କ ପ୍ରଥମ କର୍ମକ୍ଷେତ୍ର କୋଲକତାରୁ ଆରମ୍ଭ ହୋଇଥିବା ଏହି ଦସ୍ତଖତ ଅଭିଯାନ ପରେ ଆଣ୍ଡାମାନ, ଚେନେଇ, ପଞ୍ଜାବ, ଉତରପ୍ରଦେଶ, ଉତରାଖଣ୍ଡ, ବାଙ୍ଗାଲୁର ସମେତ ୮ଟି ବିଭିନ୍ନ ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଥିଲା। ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଏହି ଅଭିଯାନ କରାଯାଉଛି। ଏବେ ତିରୁପତିରେ ଏହି ଅଭିଯାନ ସଫଳ ହୋଇଛି। ଅଲ ଲୟର୍ସ ଗୃପ୍‌ର ଆବାହାକ ଆଇନଜୀବୀ ଲିଙ୍ଗରାଜ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଦୁଷ୍ମନ୍ତ ଦାସ, ଲକ୍ଷ୍ମୀକାନ୍ତ ତ୍ରିପାଠୀ ଓ ଶତାଧୀକ ଲୋକ ସାମିଲ ହୋଇଥିଲେ।

# ରାଜ୍ୟରେ ବଢିବନି ବିଦ୍ୟୁତ୍ ଦର

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ):ଚଳିତ ବର୍ଷ ବଢିବନି ବିଦ୍ୟୁତ୍ ଶୁଳ୍କ। ଏକ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି)ର ସଚିବ ପ୍ରିୟବ୍ରତ ପଟ୍ଟନାୟକ କହିଛନ୍ତି ଯେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଅପରିବର୍ତିତ ରହିବ ଖୁଚୁରା ବିଦ୍ୟୁତ ଶୁଳ୍କ। ସେ କହିଛନ୍ତି ଯେ ୫୦ ୟୁନିଟ୍ ପର୍ଯ୍ୟନ୍ତ ବ୍ୟବହାର ପାଇଁ ୟୁନିଟ ପିଛା ୩ ଟଙ୍କା ଲେଖାଏଁ ଆଦାୟ କରାଯିବ । ୫୦ରୁ ୨୦୦ ୟୁନିଟ ପାଇଁ ୟୁନିଟ ପିଛା ୪ ଟଙ୍କା ୮୦ ପଇସା, ୨୦୦ରୁ ୪୦୦ ୟୁନିଟ୍ ପାଇଁ ୟୁନିଟ ପିଛା ୫ ଟଙ୍କା ୮୦ ପଇସା ଓ ୪୦୦ ୟୁନିଟରୁ ଅଧିକ ହେଲେ ୟୁନିଟ୍ ପିଛା ୬ ଟଙ୍କା ୨୦ ପଇସା ଶୁଳ୍କ ଆଦାୟ କରାଯିବ। ଏହାଛଡ଼ା ଡିଜିଟାଲ ପେମେଂଟ ପାଇଁ ୩ ପ୍ରତିଶତ ରିହାତି ମିଳିବ।

ବିଦ୍ୟୁତ ଶୁଳ୍କ ବାବଦରେ ଓଇଆରସିର ଶୁଣାଣି ବେଳେ ଦର ନ ବଢାଇବାକୁ ରାଜ୍ୟ ସରକାର ଗତ ଫେବୃଆରି ୨୦ରେ ଓଇଆରସିଙ୍କୁ ଅନୁରୋଧ କରିଥିଲେ। ବିଦ୍ୟୁତ କ୍ରୟ ବାବଦ ଖର୍ଚ୍ଚ ୧୯ ପଇସା ବଢିଥିଲେ ବି ତାହାକୁ ଆଡଜଷ୍ଟ କରି ଦର ନ ବଢାଇବାକୁ ବିଦ୍ୟୁତ ବିତରଣ କମ୍ପାନିମାନଙ୍କୁ କୁହାଯାଇଥିଲା। ଏହି ବିତରଣ କମ୍ପାନିମାନଙ୍କ ପାଖରେ ୩୫୫ କୋଟିର ବଳକା ରାଶି ଥିବାରୁ ତାହାକୁ ଆଡଜଷ୍ଟ କରିବାକୁ କୁହାଯାଇଛି ।ଓଇଆରସି ସଚିବ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆଜି କିଛି ରିହାତି ଘୋଷଣା କରିଛନ୍ତି। ଗ୍ରାହକମାନେ ଡିଜିଟାଲ ପେମେଂଟ କଲେ ୩ ପ୍ରତିଶତ ରିହାତି ପାଇବେ। ଗ୍ରାମାଂଚଳ ଉପଭୋକ୍ତାଙ୍କୁ ୟୁନିଟ୍ ପିଛା ୧୦ ପଇସା ରିହାତି ମିଳିବ।

# ଶରତ ଚନ୍ଦ୍ର ମିଶ୍ରଙ୍କ ରଚିତ ଉପନ୍ୟାସ ପ୍ରବାସୀ ଲୋକାର୍ପିତ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ୧୯୪୭ ମସିହା ଦେଶ ବିଭାଜନର କରାଳ ବିଭିଷିକା ଭିତରେ ଦେଶ ବାହାରେ ରହିଯାଇଥିବା ଓଡିଆ ପରିବାରର ଦୁଃଖ ଓ ସୁଖର ଜୀବନ୍ତ କାହାଣୀକୁ ନେଇ ପୁର୍ବତନ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ, ବରିଷ୍ଠ ପ୍ରଶାସକ ତଥା ସେତେବେଳର ବାଂଲାଦେଶ ରାଜଧାନୀ ଢାକାଠାରେ ଥିବା ଭାରତୀୟ ଦୁତାବାସର କାଉନ୍‌ସିଲର ପଦବୀରେ ଅଧିଷ୍ଠିତ ଥିବା ଯଶସ୍ୱୀ ଲେଖକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମିଶ୍ର ତାଙ୍କ ବାଂଲାଦେଶର ସିଲେଟ ଜିଲ୍ଲା ଗସ୍ତ ସମୟର କାହାଣୀକୁ ନେଇ ରଚିତ ଉପନ୍ୟାସ "ପ୍ରବାସୀ" ଲୋକାର୍ପିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଲୋକସେବକ ମଣ୍ଡଳ ଓଡିଶା ଶାଖାର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ରଥଙ୍କ ସଭାପତିତ୍ୱରେ ଭୁବନେଶ୍ୱର ୟୁନିଟ୍-୮ ସ୍ଥିତ ଡି. ଏ. ଭି. ସ୍କୁଲ୍ ଅଫ୍ ବିଜିନେସ୍ ମ୍ୟାନେଜ୍‌ମେଣ୍ଟ (ଡ଼ଏଇଗ) ର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଶାରଳା ସାହିତ୍ୟ ସଂସଦର ସଭାପତି ତଥା ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ, ବିଶିଷ୍ଟ କଥାକାର ଶ୍ରୀଯୁକ୍ତ ଦେବ ପ୍ରସାଦ ଦାଶ ତଥା ପୁସ୍ତକର ପ୍ରକାଶକ ସୁଧନ୍ୟା ପ୍ରକାଶନର ପରିଚାଳକ ଶ୍ରୀଯୁକ୍ତ ଲଳିତ ମୋହନ ପଟ୍ଟନାୟକ ସମ୍ମାନିତ ଅତିଥି ରୁପେ ଯୋଗ ଦେଇ ପୁସ୍ତକଟିକୁ ଉନ୍ମୋଚନ କରିଥିଲେ ।



ମନୋଜବଂ
ମାରୁତତୁଲ୍ୟବେଗଂ
ଜିତେନ୍ଦ୍ରିୟଂ ବୁଦ୍ଧିମତାଂ
ବରିଷ୍ଠମ୍ ।
ବ୍ରଜଂ ବାନରୟୁଥମୁଖ୍ୟଂ
ଶ୍ରୀରାମଦୂତଂ ଶରଣଂ
ପ୍ରପଦ୍ୟେ ॥

ସମ୍ପାଦକୀୟ

# ପୁଣି ହାଣ୍ଡିଶାଳରେ ଚଢ଼କ

ଦୀର୍ଘ ୧୩୭ ଦିନ ବା ସାଢେ ୪ ମାସ ଧରି ଦୈନନ୍ଦିନ ପେଟ୍ରୋଲ, ଡିଜେଲର ମୂଲ୍ୟ ବୃଦ୍ଧି ସ୍ଥଗିତ ରଖିବା ପରେ ଦେଶର ତୈଳ କମ୍ପାନୀଗୁଡିକ ପୁଣି ପେଟ୍ରୋଲ ଦରବୃଦ୍ଧି କରିଛନ୍ତି। ପେଟ୍ରୋଲ ଓ ଡିଜେଲର ମୂଲ୍ୟ କ୍ରମାଗତ ଦୁଇ ଦିନରେ ୨ଟଙ୍କା ପାଖାପାଖି ବଢିଥିବା ବେଳେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ଏକାଥରକେ ୫୦ ଟଙ୍କା ବଢିଛି, ଯାହାକି ଖାଉଟି ବା ଉପଭୋକ୍ତାଙ୍କ ପାଇଁ ବେଢି ଉପରେ କୋରଡା ମାଡ ସଦୃଶ ହୋଇଛି ବୋଲି କୁହାଯାଇପାରେ। ପୂର୍ବରୁ ଦୈନନ୍ଦିନ ପେଟ୍ରୋଲ ଓ ଡିଜେଲର ଲିଟର ପିଛା ମୂଲ୍ୟ ୩୦ ରୁ ୩୫ ପଇସା ବଢିଥିବାବେଳେ ଏବେ ଗତ ଦୁଇଦିନର ମୂଲ୍ୟ ବୃଦ୍ଧିକୁ ଅନୁଧ୍ୟାନ କଲେ, ଦୈନିକ ଦର ୩ଗୁଣ ବଢୁଛି। କହିବା ବାହୁଲ୍ୟ ଯେ, ମହାମାରୀ କୋରୋନାର ମୁକାବିଲା ଆଳରେ ୫ଲକ୍ଷ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ ପାଇଁ ସରକାର ଲଗାମହୀନ ଭାବେ ଦୈନନ୍ଦିନ ପେଟ୍ରୋଲ, ଡିଜେଲର ମୂଲ୍ୟ ବଢାଇ ଚାଲିଥିବାବେଳେ ପ୍ରତିବାଦ ଆନ୍ଦୋଳନକୁ ଭୃକ୍ଷେପ କରିନଥିଲେ। ମାତ୍ର ଗତ ନଭେମ୍ବର ମାସରେ ୧୧ଟି ରାଜ୍ୟର ୩୯ଟି ବିଧାନସଭା ଓ ୩ଟି ଲୋକସଭା ଆସନ ଉପ-ନିର୍ବାଚନରେ କେନ୍ଦ୍ରରେ କ୍ଷମତସୀନ ବିଜେପିର ଶୋଚନୀୟ ବିପର୍ଯ୍ୟାୟ ପରେ ସରକାର ହଠାତ୍ ଦୈନନ୍ଦିନ ମୂଲ୍ୟ ବୃଦ୍ଧିକୁ ସ୍ଥଗିତ ରଖିଥିଲେ। ଫଳସ୍ୱରୁପ ଦୀର୍ଘ ୪ମାସରୁ ଉର୍ଦ୍ଧ୍ୱ ସମୟ ଧରି ତୈଳ ଦର ବୃଦ୍ଧି କରି ନଥିଲେ। ଅବଶ୍ୟ ଉପ-ନିର୍ବାଚନରେ ପରାଜୟ ଏବଂ ୫ଟି ରାଜ୍ୟର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ସରକାର ତୈଳ ଦର ବୃଦ୍ଧି ସ୍ଥଗିତ ରଖିଥିଲେ। ଯେତେବେଳେ ଦେଶରେ ନିର୍ବାଚନ ଆସେ, ସେତେବେଳେ ଦୈନନ୍ଦିନ ବୃଦ୍ଧି ସ୍ଥିଗିତ ରହିଥାଏ। ଏବେ ୟୁକ୍ରେନ୍ ଋଷ ଯୁଦ୍ଧ ଯୋଗୁଁ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୧୧୩ ଡଲାରକୁ ବୃଦ୍ଧି ପାଇଛି। କିଛି ଦିନ ପୂର୍ବରୁ ବ୍ୟାରେଲ ପିଛା ମୂଲ୍ୟ ୧୩୯ ଡଲାରକୁ ବୃଦ୍ଧି ପାଇଥିଲା, ଯାହାକି ବିଗତ ୧୪ବର୍ଷ ମଧ୍ୟରେ ସର୍ବାଧିକ ଥିଲା। ୫ଟି ରାଜ୍ୟର ବିଧାନସଭା ନିର୍ବାଚନ ପରେ ଦେଶରେ ପୁଣି ତୈଳ ଦର ବଢିବ ବୋଲି ଆଶଙ୍କା କରାଯାଇଥିଲା। ଯାହା ଏବେ ସତ୍ୟରେ ପରିଣତ ହୋଇଛି। କେବଳ ଏତିକି ନୁହେଁ, ଯୁଦ୍ଧ ଯୋଗୁଁ ଦେଶରେ ପେଟ୍ରୋଲ ଓ ଡିଜେଲ ଲିଟର ପିଛା ୧୩ ଟଙ୍କାରୁ ଅଧିକ ବଢିବା ନେଇ ବିଶାରଦମାନେ ଚେତାବନୀ ଦେଇଥିଲେ। ତେବେ ସେତିକି ମାତ୍ରାରେ ବଢିନାହିଁ। ମାତ୍ର ରିପୋର୍ଟ ପ୍ରକାଶ ପାଇଛି ଯେ, ସାଢେ ୪ମାସ ଧରି ମୂଲ୍ୟ ବୃଦ୍ଧି ସ୍ଥଗିତ ଏବଂ ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି ଯୋଗୁଁ ତୈଳ କମ୍ପାନୀଗୁଡିକ ଯଥେଷ୍ଟ କ୍ଷତି ସହୁଥିବାରୁ ଏହାର ଭରଣା ପାଇଁ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ୨୦ଟଙ୍କା ପର୍ଯ୍ୟନ୍ତ ବଢିବ। ଏବେ ପେଟ୍ରୋଲ ୧୦୩ ଟଙ୍କା ଉପରେ ରହିଥିବାବେଳେ ଏହା ୧୨୩ ଟଙ୍କା ପର୍ଯ୍ୟନ୍ତ ବଢିବା ନେଇ ଆଶଙ୍କା ରହିଛି। ଏବେ ସରକାର ଅତ୍ୟଧିକ ଡିଜେଲ ବ୍ୟବହାରକାରୀଙ୍କ ପାଇଁ ଲିଟର ପିଛା ୨୫ଟଙ୍କା ବୃଦ୍ଧି କରିଛନ୍ତି। ବସ୍, କଳକାରଖାନା, ବିମାନବନ୍ଦର, ଶପିଙ୍ଗମଲ୍, ରେଳବାଇ ଅଧିକ ପରିମାଣର ଡିଜେଲ ବ୍ୟବହାର କରୁଥିବାରୁ ଏହି ମୂଲ୍ୟ ବୃଦ୍ଧି ଚାପ ସେମାନଙ୍କ ଉପରେ ପଡିବ। ଯେତିକି ବ୍ୟୟ ବଢିବ, ତାହା ସେମାନେ ଖାଉଟିଙ୍କ ଉପରେ ପକାଇବେ। ଫଳସ୍ୱରୁପ ବସଭଡା ସହ ବିଭିନ୍ନ ସାମଗ୍ରୀର ମୂଲ୍ୟ ବୃଦ୍ଧି ଘଟିବ।

## ନୀତିବାଣୀ

ଇତିମଧ୍ୟରେ ମାଆ ଯଶୋଦା ଦୁଧରତୁରା ବନ୍ଦକରାଇ ଦଧିମନ୍ଥନ ସ୍ଥାନକୁ ଆସିଲେ । ସେ ଭଙ୍ଗା ଦଧିଭାଣ୍ଡକୁ ଦେଖିଲେ। ସେ ତାଙ୍କ ପୁତ୍ରଙ୍କୁ ନଦେଖିପାରି ଭାବିନେଲେ ଯେ, ଏହା ହେଉଛି କୃଷ୍ଣଙ୍କର ନାମ । ସେ ନିମ୍ନପ୍ରକାର ଚିନ୍ତାକରି ଖୁସି ହେଲେ, "ପିଲା ଖୁବ୍ ଚାଲାକ୍ ଅଟେ। ଭାଣ୍ଡକୁ ଭାଙ୍ଗି ଦଣ୍ଡ ଭୟରେ ସ୍ଥାନ ଛାଡ଼ି ପଳାଇ ଯାଇଅଛି । ସେ ତାଙ୍କୁ ଚାରିଆଡ଼େ ଖୋଜିଲା ପରେ ଦେଖିଲେ ଯେ, କୃଷ୍ଣ ଏକ ବୃହତ ଉଦୁଖଳକୁ ଓଲଟାଇ ତା' ଉପରେ ବସିଛି । ଶିକାରେ ଥିବା ପାତ୍ରରୁ ସେ ଲହୁଣୀ ନେଇଛି ଏବଂ ମାଙ୍କଡ଼ମାନଙ୍କୁ ଖୁଆଇଛି । ସେ ଦେଖିଲେ ଯେ, କୃଷ୍ଣ ତାର ଦୁଷ୍ଟାମି ପ୍ରତି ସଚେତନ ହୋଇ କାଳେ ମାଆ ଆସିଯିବେ, ଏଇ ଭୟରେ ଏଣେତେଣେ ଚାହୁଁଛି, ପୁଅକୁ ଏ ପ୍ରକାର ଅବସ୍ଥାରେ ଦେଖି ସେ (ଯଶୋଦା) ଖୁବ୍ ଆସ୍ତେ ଆସ୍ତେ ପଛପଣଟୁ କୃଷ୍ଣଙ୍କ ପାଖରେ ପହଞ୍ଚିଲେ । କୃଷ୍ଣ ଦେଖିଲେ ଯେ, ମାଆ ହାତରେ ଛାଟଟିଏ ଧରି ଆସୁଛନ୍ତି। ଏହା ଦେଖି ସେ ସାଙ୍ଗେ ସାଙ୍ଗେ ଉଦୁଖଳ ଉପରକୁ ଓହ୍ଲାଇପଡ଼ି ଭୟରେ ପଳାଇଯିବାକୁ ବସିଲେ। ମାଆ ଯଶୋଦା ତାଙ୍କୁ ଧରିବାକୁ ତାଙ୍କ ପଛେ ପଛେ ଦୌଡ଼ିଲେ, ଯେଉଁ ଭଗବାନଙ୍କୁ ବିରାଟ ଯୋଗୀମାନେ ଧ୍ୟାନ ବଳରେ ଧରିପାରିନାହାନ୍ତି, ସେଇ ପରମପୁରୁଷ ଭଗବାନଙ୍କୁ ସେ ଧରିବା ପାଇଁ ଚେଷ୍ଟା କଲେ । ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ, ଯେଉଁ ପରମପୁରୁଷ ଭଗବାନ ଶ୍ରୀକୃଷ୍ଣଙ୍କୁ ଯୋଗୀ-ଜ୍ଞାନୀ-ଧ୍ୟାନଯୋଗୀମାନେ ଧରିପାରିନାହାନ୍ତି, ସେଇ ଭଗବାନ ଶ୍ରୀକୃଷ୍ଣ ଏକ ପ୍ରଧାନ ଭକ୍ତ ମାଆ ଯଶୋଦାଙ୍କ ପାଖରେ ଏକ କ୍ଷୁଦ୍ର ଶିଶୁତୁଲ୍ୟ କ୍ରୀଡ଼ା କରୁଛନ୍ତି । ମାଆ ଯଶୋଦା ତାଙ୍କର କ୍ଷୀଣକଟି ଓ ଗୁରୁ ଶରୀର ଯୋଗୁଁ ଶୀଘ୍ର ଦୌଡ଼ି ପଳାଇଯାଉଥିବା ଶିଶୁକୁ ସହଜରେ ଧରିପାରୁ ନଥିଲେ। ତଥାପି ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ତାଙ୍କ ପଛରେ ଦୌଡ଼ି ତାଙ୍କୁ ଧରିବାକୁ ଚେଷ୍ଟା କରୁଥିଲେ। ତାଙ୍କ କେଶ ମୁକୁଳା ହୋଇଗଲା ଏବଂ ମୁଣ୍ଡରେ ଥିବା ଫୁଲ ତଳେ ଖସି ପଡ଼ିଗଲା। ଯଦିଓ ସେ କ୍ଳାନ୍ତ ହୋଇ ପଡ଼ିଥିଲେ, ତଥାପି ସେ କୌଣସିମତେ ତାଙ୍କର ଦୁଷ୍ଟ ଶିଶୁକୁ ଧରିପକାଇଲେ। ଯେତେବେଳେ ମାଆ କୃଷ୍ଣଙ୍କୁ ଧରି ପକାଇଲେ, କୃଷ୍ଣ ସେତେବେଳେ କାନ୍ଦି ଉଠିଲେ ।

# ଭୂତଳ ଜଳ ସଂରକ୍ଷଣ ଅପରିହାର୍ଯ୍ୟ

ଡକ୍ଟର ଲକ୍ଷ୍ମଣ ସାହୁ
ଅଧ୍ୟକ୍ଷ , ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪, ଦୂରଭାଷ : ୯୦୪୦ ୧୫୧୪୭୫
Email : Laxmansahoo9040@gmail.com

ଏଥର ମିଳିତ ଜାତିସଂଘ ବିଶ୍ୱ ଜଳ ଦିବସର ବିଷୟବସ୍ତୁ ଭାବରେ ଭୂତଳ ଜଳକୁ ବାଛିଛି । ଅର୍ଥାତ୍, ଚଳିତ ବର୍ଷ ସମଗ୍ର ବିଶ୍ୱରେ ଭୂତଳ ଜଳର ସଂରକ୍ଷଣ ତଥା ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ବିଷୟରେ ଲୋକଙ୍କୁ ଅବଗତ କରାଇବା ପାଇଁ ପ୍ରୟାସ କରାଯିବ । ପୃଥିବୀରେ ମାନବ ଜୀବନର ଆବଶ୍ୟକତା ପାଇଁ ଭୂତଳ ଜଳ ହେଉଛି ସବୁଠାରୁ ବଡ଼ ସଂପଦ । ଜୀବନ ଧାରଣ ନିମନ୍ତେ ଜଳ ଏକ ମୁଖ୍ୟ ଉପାଦାନ । ଜଳ ହିଁ ଜୀବନ । ଯେତେବେଳ କୌଣସି କାରଣରୁ ବର୍ଷା ହୁଏନାହିଁ, ସେତେବେଳେ କେବଳ ଭୂତଳ ଜଳ ମନୁଷ୍ୟର ଆବଶ୍ୟକତାକୁ ପୂରଣ କରିଥାଏ । ଦୁର୍ଭାଗ୍ୟବଶତଃ ଦୁନିଆରେ ଆଧୁନିକ ଜୀବନ ଶୈଳୀ ଭୂତଳ ଜଳର ଶୋଷଣକୁ ଏକ ଅବ୍ୟବହୃତ ଉପାୟରେ ବଢାଇ ଦେଇଛି । କିନ୍ତୁ ସେହି ସମସ୍ତ ଜଳ ସମ୍ପଦର ସଂରକ୍ଷଣ ଦିଗରେ ସାଧାରଣରେ ସଚେତନତା ଅଭାବ ରହିଛି ।

ଗ୍ରୀଷ୍ମପ୍ରବାହ ଦିନକୁଦିନ ବଢିବା ସମୟରେ ଉତ୍କଟ ଜଳ ସମସ୍ୟା ଦେଖା ଦେବ । ଏହି ସମସ୍ୟା ସମାଧାନ ପାଇଁ ଭୂତଳ ଜଳ ଉପରେ ନିର୍ଭର କରିବାକୁ ପଡିଥାଏ । ଏଥିପାଇଁ କେବଳ ଯାହା ଭୂତଳ ଜଳର ସ୍ତର ବଜାୟ ରଖିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହି ପ୍ରସଙ୍ଗରେ ଭାରତରେ କୂଅ, ପୋଖରୀ, ନଦୀ ଓ ପାହାଡର ଝରଣାର ବିଶେଷ ଅବଦାନ ଥିଲା । ଯାହାକି ବର୍ଷା ଜଳ ସଂରକ୍ଷଣ କରୁଥିଲା ଓ ଏହିପରି ଅଞ୍ଚଳର ଭୂତଳ ଜଳ ସ୍ତର ବ୍ୟବହାର କରାଯାଉଥିଲା । ଆବଶ୍ୟକ ଅନୁସାରେ ମାନବର ଜୀବନ ଧାରଣରେ ଏହି ଜଳର ଉପଯୋଗୀତା ଯଥେଷ୍ଟ ସାହାଯ୍ୟ କରିଥାଏ । ରାଜସ୍ଥାନର ମରୁଭୂମି ଅଞ୍ଚଳରେ ଏତେ ଗଭୀର କୂଅ ଦେଖିବାକୁ ମିଳେ ଯାହାକୁ ପାଟାଳ୍‌ତୋଡ୍ କୂଅ କୁହାଯାଏ । ଦୁର୍ଭାଗ୍ୟବଶତ। ଯେଉଁଠାରେ ଜଳ ଟ୍ୟାପ୍ ମାଧ୍ୟମରେ ପହଞ୍ଚିଥିଲା, ଉଭୟ ନାଗରିକ ଏବଂ ପ୍ରଶାସନ ନିର୍ମଳ ଜଳ ଉତ୍ସ ସଂରକ୍ଷଣ ପ୍ରତି ଉଦାସୀନ ହୋଇଥିଲେ । ନିୟନ୍ତ୍ରଣ ବିହୀନ ବିନା ଟ୍ୟୁବ୍ କୂଅଗୁଡିକ ଖୋଳା ଯାଇଥିଲା । ଯାହା ପୃଥିବୀ ଭିତରେ ଜଳ ନିଷ୍କାସନ କରିଥାଏ, କିନ୍ତୁ ପୃଥିବୀ ଭିତରେ ଜଳର ସ୍ତର ବଜାୟ ରଖିବାରେ ସେମାନେ କୌଣସି ଭୂମିକା ଗ୍ରହଣ କରନ୍ତି ନାହିଁ ।

ବାସ୍ତବରେ, କିଛି ଦିନ ପୂର୍ବରୁ ରାଜସ୍ଥାନ ସରକାର ସହରାଞ୍ଚଳରେ ଭୂତଳ ଜଳର ଶୋଷଣ ପ୍ରକ୍ରିୟା ଆରମ୍ଭ କରିବା ପୂର୍ବରୁ ଅନୁମୋଦନ ବ୍ୟବସ୍ଥାକୁ ରଦ୍ଦ କରିଦେଇଥିଲେ । ଏହି କାରଣରୁ, ଭୂମିରେ ଟ୍ୟୁବ୍ କୂଅ ଖୋଳିବା ଏବଂ ଅନିୟନ୍ତ୍ରିତ ଭାବରେ କୂଅ ଖୋଳିବା କାର୍ଯ୍ୟ ଆରମ୍ଭ ହେଲା । ଯେଉଁମାନେ ମାନବିକତାର ଭବିଷ୍ୟତ ପାଇଁ ଜଳ ସଂରକ୍ଷଣ ପାଇଁ ପ୍ରତିବଦ୍ଧ, ଏହି ପରିସ୍ଥିତି ସେମାନଙ୍କୁ ଭୟଭୀତ କରେ କାରଣ ଭୂତଳ ଜଳର ଅନିୟନ୍ତ୍ରିତ ଶୋଷଣ ବିଭିନ୍ନ ରାଜ୍ୟର ଅନେକ ସ୍ଥାନରେ ଜଳ ସଂରକ୍ଷଣ ସ୍ଥିତିକୁ ଆହୁରି ଖରାପ କରିଦେଇଛି । ପ୍ରତିବର୍ଷ ଗ୍ରୀଷ୍ମ ଋତୁରେ ଦେଶର ବିଭିନ୍ନ ସ୍ଥାନରୁ ଜଳ ସଙ୍କଟର ବିଭିନ୍ନ ଭୟାନକ ଚିତ୍ର ଦେଖିବାକୁ ମିଳିଥାଏ । ୨୦୨୦ ଏବଂ ୨୦୨୧ ମସିହାରେ, ଜଳ ସଙ୍କଟ ବିଷୟରେ ଆଲୋଚନା କମ୍ ଥିଲା, କାରଣ ସମସ୍ତ ମାନବିକତା ସାମ୍ନାରେ କରୋନା ମହାମାରୀର ସଙ୍କଟ ଦେଖାଦେଇଥିଲା । ଅନ୍ୟଥା ମନେ ରଖିବାକୁ ହେବ ଯେ ଏହାର ପୂର୍ବ ବର୍ଷରେ ଶିମଲାର ଲୋକମାନେ ପର୍ଯ୍ୟଟକଙ୍କ ଗତିବିଧି ବନ୍ଦ କରିବାକୁ ନିବେଦନ କରିଥିଲେ । ଜଳ ସଙ୍କଟ ଏବଂ ଚେନ୍ନାଇ ଉଦାହରଣ ସ୍ୱରୂପ, ମହାନଗରରେ ଲୋକଙ୍କୁ ଘରୁ କାମ କରିବାକୁ ପରାମର୍ଶ ଦିଆଯାଇଥିଲା, କାରଣ କାର୍ଯ୍ୟାଳୟରେ ସମସ୍ତଙ୍କ ପାଇଁ ପାନୀୟ ଜଳ ମଧ୍ୟ ଉପଲବ୍ଧ ନଥିଲା । ପ୍ରତିବର୍ଷ ବୁନ୍ଦେଲଖଣ୍ଡରେ ଜଳ ସଙ୍କଟ ସାଧାରଣ ଜୀବନକୁ ବିଚଳିତ କରିଥାଏ । ୨୦୨୦ ପାଇଁ ଗ୍ରୀଷ୍ମ ଋତୁରେ ଜଳ ପାଇଁ ହିଂସାତ୍ମକ ସଂଘର୍ଷର ଖବର ମଧ୍ୟ ସାମ୍ନାକୁ ଆସିଥିଲା । କିନ୍ତୁ ଗଣମାଧ୍ୟମରେ ସେଗୁଡ଼ିକ କମ୍ ଆଲୋଚନା କରାଯାଇଥିଲା ।

ଓଡ଼ିଶାରେ ମଧ୍ୟ ଗ୍ରୀଷ୍ମ ଋତୁରେ ଜଳ ସଂକଟ ଦେଖାଯାଏ । ଏପରିକି ମହାନଦୀ ଠାରୁ ଆରମ୍ଭ କରି ସମସ୍ତ ଛୋଟ ନଦ ନଦୀ , ପୁଷ୍କରିଣୀ, କୂପ ଶୁଷ୍କ ରହିବାର ନଜିର ରହିଛି । ଜଳ ପାଇଁ ସଂଘର୍ଷ ଘଟୁଛି । ଜଳ ସଙ୍କଟର ଖବର ହୁଏତ ପୃଷ୍ଠଭୂମିକୁ ଯାଇଥାଇପାରେ, କିନ୍ତୁ ମାନବିକତା ପାଇଁ ଜଳ ସଂରକ୍ଷଣର ଚିନ୍ତା ସବୁଠାରୁ ଜ୍ୱଳନ୍ତ ବଡ ଚିନ୍ତା । ଏହାର ଏକ ବଡ କାରଣ ହେଉଛି ଯେ ମାନବର ଜଳ ଆବଶ୍ୟକତା ପୂରଣ ପାଇଁ ପ୍ରକୃତି କିମ୍ବା ଭୂତଳ ଜଳ ଉପରେ ନିର୍ଭରଶୀଳ । ତେଣୁ ପ୍ରାକୃତିକ ଜଳ ସଂରକ୍ଷଣ ଉତ୍ସଗୁଡ଼ିକର ସଂରକ୍ଷଣ ପ୍ରତି ସମସ୍ତେ ଅଧିକ ଭାବରେ ସମ୍ବେଦନଶୀଳ ହେବା ଜରୁରୀ ଆବଶ୍ୟକ ରହିଛି । କିନ୍ତୁ ଆଜିର ମାନବ ପାରମ୍ପାରିକ ଜଳ ଉତ୍ସକୁ ଅତ୍ୟଧିକ ମାତୃତ୍ୱ ତଥା ସ୍ୱାର୍ଥପର ଭାବରେ ବ୍ୟବହାର କରୁଛି ।

ଯାହା ଫଳରେ ପୁରୁଣା କୂଅ, ହ୍ରଦ, ନଦୀ ବନ୍ଧ, ଷ୍ଟେପୱେଲ ଓ କୁଣ୍ଡଗୁଡ଼ିକ ଅବହେଳିତ ହୋଇ ନଦୀଗୁଡିକୁ ପ୍ରଦୂଷିତ କରୁଛି । ପରିସ୍ଥିତି ଏପରି ହେଉଛି ଯେ ଦେଶର ଅଧିକାଂଶ ନଦୀର ଜଳ ଅସହ୍ୟ ଗ୍ରୀଷ୍ମ ତାତିରେ ଶୁଷ୍କ ରହୁଥିବା ହେତୁ ଅନେକ ସ୍ଥାନରେ ପାନୀୟଜଳ ମଧ୍ୟ ମିଳୁନାହିଁ । ପବିତ୍ର ନଦୀ ଗଙ୍ଗା ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ । ଏହି ପ୍ରାଚୀନ ଜଳ ସଂସ୍ଥାଗୁଡ଼ିକ କେବଳ ସେମାନଙ୍କ ଅସ୍ତିତ୍ୱ ଲୋପ ପାଉଛି । ଫଳତଃ ସଠିକ୍ ସମୟରେ ପର୍ଯ୍ୟାପ୍ତ ପରିମାଣର ଜଳ ସଂରକ୍ଷଣ କରିବା ପାଇଁ ବ୍ୟବହୃତ ହୋଇନଥିଲେ, ବରଂ ଭୂମିର ଜଳ ସ୍ତର ବଜାୟ ରଖିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏବେ ଦୁର୍ଭାଗ୍ୟବଶତଃ ପ୍ରଗତିର ଆଧୁନିକ ଆଦର୍ଶ ପ୍ରକୃତିର ଏହି ସଂପଦ ଉପରେ ବାରମ୍ବାର ଆଘାତ ସୃଷ୍ଟି କରୁଛି । କେବଳ ପାରମ୍ପାରିକ ଜଳ ଉତ୍ସ ନଷ୍ଟ ହୋଇନଥିଲା, ଭୂତଳ ଜଳ ମଧ୍ୟ ମନଇଚ୍ଛା ଶୋଷିତ ହୋଇଥିଲା । ୧୯୭୦ ଦଶକରେ ଅବସ୍ଥା ଆହୁରି ବିଗିଡି ଯାଇଥିଲା , ଯେତେବେଳେ ସରକାର ଭବିଷ୍ୟତର ଭବିଷ୍ୟତକୁ ବିଚାର କରି ନିଜେ ଦେଶରେ ବଡ଼ ଆକାରର ଟ୍ୟୁବ୍ କୂଅ ସ୍ଥାପନ କରିଥିଲେ । ଏହା ଲୋକମାନଙ୍କର ତୁରନ୍ତ ଆବଶ୍ୟକତା ପୂରଣ କଲା ସତ, କିନ୍ତୁ ଭବିଷ୍ୟତ ପିଢ଼ି ପାଇଁ ସଂରକ୍ଷଣ ଅବସ୍ଥା ଭୟଙ୍କର ହୋଇଗଲାଣି । ଏକ ସରକାରୀ ରିପୋର୍ଟ ଅନୁଯାୟୀ, ଭୂତଳ ଜଳର ଶୋଷଣ ୧୯୭୫ ରେ ୬୯ ପ୍ରତିଶତ ଥିଲା, ଏହା ୧୯୯୫ ରେ ୪୦୦ ପ୍ରତିଶତକୁ ବୃଦ୍ଧି ପାଇଥିଲା । ଜଳ ସଙ୍ଗଠନର ପ୍ରତ୍ୟେକ କାହାଣୀ କେତେକ ବୈଜ୍ଞାନିକଙ୍କୁ ଭୟଭୀତ କରେ ଯେ ପୃଥିବୀର ଦୁଇ ତୃତୀୟାଂଶ ଜଳ ଦ୍ୱାରା ଘେରି ରହିଲେ ମଧ୍ୟ ପରବର୍ତ୍ତୀ ବିଶ୍ୱଯୁଦ୍ଧ ଜଳ ଉପରେ ହୋଇପାରେ । କିନ୍ତୁ ଯେତେବେଳେ ଜଣାଯାଇଛି ଯେ ପୃଥିବୀରେ ଉପଲବ୍ଧ ଜଳର ୯୭.୨ ପ୍ରତିଶତ ସମୁଦ୍ର ଜଳ ଏବଂ ଏହାକୁ ପିଇବା ପାଇଁ ବ୍ୟବହାର କରିବା ସମ୍ଭବ ନୁହେଁ, ସେତେବେଳେ ସଚେତନ ହେବାକୁ ପଡ଼ିଛି ।

ତଥ୍ୟାନୁସାରେ ୧୯୯୯ ମସିହାରେ ଜଳର ଉପଲବ୍ଧତା ନଅ ହଜାର ଘନ ମିଟର ଥିଲା । ଯାହା ୨୦୨୫ ସୁଦ୍ଧା ପାଞ୍ଚ ହଜାର ଏକ ଶହ ଘନ ମିଟରକୁ ହ୍ରାସ ହେବାର ସମ୍ଭାବନା ଅଛି । ଭୂତଳ ଜଳର ଅନଭିଜ୍ଞ ଶୋଷଣ ମଧ୍ୟ ବଢୁଥିବା ଜଳ ସଙ୍କଟ ପାଇଁ ଏକ ପ୍ରମୁଖ କାରଣ । କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ଏକ ରିପୋର୍ଟ ଅନୁଯାୟୀ, ୨୦୦୭ ରୁ ୨୦୧୭ ମଧ୍ୟରେ ଦେଶର ଭୂତଳ ଜଳ ସ୍ତର ଷାଠିଏ ପ୍ରତିଶତ ହ୍ରାସ ପାଇଛି । ପରିସ୍ଥିତି ଏପରି ହୋଇଛି ଯେ ଅନେକ ନଦୀ କୂଳରେ ଅବସ୍ଥିତ ଗାଁ ଗୁଡିକରେ ମଧ୍ୟ ଲୋକମାନେ ପାନୀୟ ଜଳର ଅଭାବର ସମ୍ମୁଖୀନ ହେଉଛନ୍ତି । ସମଗ୍ର ବିଶ୍ୱରେ ଭୂତଳ ଜଳ ବ୍ୟବହାରରେ ଭାରତ ଶୀର୍ଷରେ ରହିବା ଗୁରୁତ୍ୱପୂର୍ଣ୍ଣ । ଚୀନ୍ ଏବଂ ଆମେରିକା ଯଥାକ୍ରମେ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ରହିଛନ୍ତି । ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଖଡଗପୁର ଏବଂ କାନାଡାର ଆଥାଭାସ୍କା ବିଶ୍ୱବିଦ୍ୟାଳୟର ମିଳିତ ଅନୁସନ୍ଧାନ ରିପୋର୍ଟରେ କୁହାଯାଇଛି ଯେ ଭାରତୀୟମାନେ ବାର୍ଷିକ ହାରାହାରି ଦୁଇ ଶହ ତିରିଶ ଘନ କିଲୋଲିଟର ଜଳ ବ୍ୟବହାର କରନ୍ତି । ମାନବ ସମ୍ପ୍ରଦାୟ ପାଇଁ ବିଶ୍ୱ ସ୍ତରୀୟ ଏଜେନ୍ସିଗୁଡିକ ଦ୍ୱାରା ଆବଶ୍ୟକୀୟ ବିବେଚ୍ନା କରାଯାଉଥିବା ଜଳ ବ୍ୟବହାର ନିୟମକୁ ଏହି ସଂଖ୍ୟା ଅତିକ୍ରମ କରିଛି । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ଯଦି ଜଳ ଏକ ନିର୍ଦ୍ଦିଷ୍ଟ ସୀମା ପରେ ବ୍ୟବହୃତ ହୁଏ, ତେବେ ଏହା ପ୍ରକୃତରେ ବ୍ୟବହୃତ ହୁଏ ନାହିଁ, କିନ୍ତୁ ଅଧିକ ଭାବରେ ଅପବ୍ୟବହାର ହୁଏ । ଯୁକ୍ତିଯୁକ୍ତତା ଆଧାରରେ ହୁଏତ ଅପବ୍ୟବହାରକୁ ଯଥାର୍ଥର ଉପାୟ ବାହାର କରାଯାଇପାରେ, କିନ୍ତୁ ଏଭଳି ପରିସ୍ଥିତି ବଡ ଭୟଙ୍କର ଅଟେ । ବିଶେଷକରି ଯେତେବେଳେ ଏନଆଇଟି (ଘଓଞଓ) ଆୟୋଗର ଜଳ ପରିଚାଳନା ସୂଚକାଙ୍କର ଏହି ତଥ୍ୟ ପ୍ରଦାନ କରେ ଯେ, ଏବେ ମଧ୍ୟ ଦେଶର ପଚିଶ ପ୍ରତିଶତ ପରିବାରଙ୍କ ପାଇଁ ଉପଯୁକ୍ତ ଜଳ ଯୋଗାଣ ବ୍ୟବସ୍ଥା ନାହିଁ । ଏହା ସ୍ପଷ୍ଟ ଯେ ଏଥିମଧ୍ୟରୁ ବହୁ ସଂଖ୍ୟକ ଦଳିତ ବର୍ଗର ଅଟନ୍ତି । ବିଶେଷ କରି ଧନୀ ଶ୍ରେଣୀର ସୁବିଧାଜନକ ଅଭ୍ୟାସରୁ ଜନ୍ମିତ ଏହି ସଙ୍କଟର ସମ୍ମୁଖୀନ ହେବାକୁ ପଡିବ ।

କୁହାଯାଏ ସମସ୍ତ ପ୍ରକୃତିର ଆବଶ୍ୟକତା ପୂରଣ କରିବା ପାଇଁ ପ୍ରକୃତିର ଯଥେଷ୍ଟ ସମ୍ବଳ ଅଛି, କିନ୍ତୁ ମଣିଷର ଅସୁମାରୀ ଲୋଭ ତା'କୁ କେବେ ସନ୍ତୁଷ୍ଟ କରିପାରିବ ନାହିଁ । ଦୁର୍ଭାଗ୍ୟବଶତଃ ଜଳ ବ୍ୟବହାର ଦୃଷ୍ଟିରୁ ମାନବଜାତିର ଆଚରଣ ମଧ୍ୟ ଲୋଭୀ ଓ ବେପରୁଆ ଥିଲା । ଯଦିଓ ନଦୀଗୁଡିକର ପରିଷ୍କାର ପରିଚ୍ଛନ୍ନତାକୁ ପ୍ରଦୂଷଣ ଦ୍ୱାରା ଆଚ୍ଛାଦିତ କରାଯାଉଛି । ତଥାପି କୂଅ, ଷ୍ଟେପୱେଲ, ସଂରକ୍ଷଣ କୁଣ୍ଡ ଓ ପୋଖରୀ ପରି ପାରମ୍ପାରିକ ଜଳ ଉତ୍ସଗୁଡ଼ିକ ଦିନକୁ ଦିନ ଅପବ୍ୟବହାର କରାଯାଉଛି । ଅଦ୍ୟାବଧି ଦେଶରେ ବର୍ଷା ଜଳ ଅମଳର ପାରମ୍ପାରିକ ମାଧ୍ୟମ ଆଧୁନିକ ଜୀବନ ଶୈଳୀ ଦ୍ୱାରା ଅପ୍ରାସଙ୍ଗିକ ବୋଲି ବିବେଚ୍ନା କରାଯାଉଛି । ତେଣୁ ଏପରି ପରିସ୍ଥିତିରେ, ଜଳର ଉପଲବ୍ଧ ସଂରକ୍ଷଣ ବିଷୟରେ ସମସ୍ତଙ୍କର ସଚେତନ ହେବାର ଆବଶ୍ୟକତା ରହିଛି । ଏପରିକି ବର୍ଷା ଜଳର ସଂରକ୍ଷଣ ବିଷୟରେ ମଧ୍ୟ ସଚେତନ ହେବାର ଯଥେଷ୍ଟ ଆବଶ୍ୟକତା ରହିଛି । ଏହି ସଚେତନତା ଭବିଷ୍ୟତ ସମସ୍ୟାରୁ ରକ୍ଷା କରିପାରିବ..!!!

# ସୁଧାର ସ୍ଥିତିରେ ଭାରତୀୟ ଅର୍ଥବ୍ୟବସ୍ଥା

ହିମାଂଶୁ ଶେଖର ଆଚାର୍ଯ୍ୟ
ଜଗତସିଂହପୁର
ମୋ-୯୯୩୭୧୫୧୦୫୨




ଦୀର୍ଘ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ମହାମାରୀ କରୋନା ଭାରତର ଅର୍ଥନୀତିକୁ ଗୁରତର ଭାବେ ପ୍ରଭାବିତ କରିଛି ।ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା କୁହାଯାଇଛି ଯେ, ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ମଧ୍ୟରେ ବଢୁଛି ତାରତମ୍ୟ। ଏହି ମାନ୍ଦା ଅବସ୍ଥାରୁ ମୁକୁଳିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି ୨୦ଲକ୍ଷ କୋଟିର 'ଆତ୍ମ ନିର୍ଭର ଭାରତ ଅଭିଯାନ'। ଏହି ଘୋଷଣାକୁ ବାସ୍ତବ ରୂପ ଦେବାକୁ ପ୍ରୟାସ କରିଛନ୍ତି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ। ଏହି ଯୋଜନା ଅନୁଯାୟୀ ଶିଳ୍ପ, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷାଭଳି କ୍ଷେତ୍ରଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ଆମ ମୁଖ୍ୟମନ୍ତ୍ରୀ ମଧ୍ୟ ୧୭ହଜାର କୋଟିର ପ୍ୟାକେଜ ଘୋଷଣା କରିଛନ୍ତି। ଫଳରେ ଭାରତର ଅର୍ଥନୀତିରେ ସୁଧାର ଆସିଛି। ବ[illegible]ମାନ ସମୟରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଅଶୋଧିତ ତୈଳ ଦର ବୃଦ୍ଧି, କ୍ରମ ବର୍ଦ୍ଧିଷ୍ଣୁ ମୁଦ୍ରା ସ୍ଫୀତି ତଥା ଋଷ ୟୁକ୍ରେନ ଯୁଦ୍ଧ ଭାରତୀୟ ଅର୍ଥବ୍ୟବସ୍ଥା ଉପରେ ପୁଣି ପ୍ରଭାବ ପକାଇଛି। ଅର୍ଥନୀତିକୁ ୧୭ହଜାର କୋଟି ବୁଷ୍ଟର ଡୋଜ୍ ଯୋଗାଇଛି ଆରବିଆଇ। ଏଥିସହିତ ଭାରତୀୟ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ବର୍ତ୍ତମାନ ଦୃଢ ରହିଛି। ଋଷ ୟୁକ୍ରେନ ଯୁଦ୍ଧ ଭାରତୀୟ ଅର୍ଥନୀତି ପାଇଁ ବିପଦଜନକ ସତ୍ତ୍ୱେ ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଉଚ୍ଚା ରହିବା ସହିତ କରେଣ୍ଟ ଆକାଉଣ୍ଟରେ ପାର୍ଥକ୍ୟ କମ୍ ରହିଛି। ଯାହା ଅର୍ଥନୀତିର ଦୃଢତାକୁ ଦର୍ଶାଉଛି ବୋଲି କହିଛନ୍ତି ଆରବିଆଇ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ।

ସ୍ୱାଧୀନତା ପରେ ଆମ ଦେଶକୁ ଆମେ ଚଳାଇବାର ଅଧିକାର ପାଇଲୁ ।ଶାସନ କରିବା ପାଇଁ ତିଆରି ହେଲା ଆମ ସମ୍ବିଧାନ। ଏହା ଭାରତକୁ ସାର୍ବଭୌମ, ଧର୍ମ ନିରପେକ୍ଷ, ସମାଜବାଦୀ ଓ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କଲା ।ଇତି ମଧ୍ୟରେ ୭୫ ବର୍ଷରେ ଦେଶର ସ୍ୱାଧୀନତା ପାଦ ଦେଇ ଥିବାବେଳେ ଭାରତୀୟ ଗଣତନ୍ତ୍ର ସମତାଳରେ ୭୩ ବର୍ଷ ଅତିକ୍ରମ କରିସାରିଛି। ଏହି ସାତ ଦଶନ୍ଧିରେ ଆମର ସଫଳତା ଓ ବିଫଳତା କୁ ଆଲୋଚନା କଲେ ଅନେକ ତଥ୍ୟ ଆଖି ସାମନାକୁ ଆସେ ।ଏହି ସମୟ ମଧ୍ୟରେ ଭାରତ ବିଶ୍ୱ ଦରବାରରେ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହ ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରି ଚାଲିଛି। ସବୁଜ ବିପ୍ଳବ ପରେ ଏଦେଶ ଖାଦ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇ ପାରିଛି। ଶ୍ୱେତ ବିପ୍ଳବ ଯୋଗୁ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଉଲେଖନୀୟ ସଫଳତା ମିଳିଛି। ସ୍ୱାଧୀନତା ପୂର୍ବରୁ ଯେଉଁ ଦେଶରେ ପିନ୍‌କଣ୍ଟାଟିଏ ଉତ୍ପାଦନ ହୋଇପାରୁ ନଥିଲା ସେ ଦେଶ ଆଜି ବିଜ୍ଞାନ. ପ୍ରଯୁକ୍ତିବିଦ୍ୟା ଓ କାରିଗରିରେ ବିଶ୍ୱର ଗୋଟିଏ ଆଗ ଧାଡିର ଦେଶ । ଖାଲି ସେତିକିନୁହେଁ , ଏହି ସମୟ ଭିତରେ ଭାରତର ଚେହେରା ବଦଳିଛି ଚିହ୍ନି ନହେଲା ପରି। ଅର୍ଥନୈତିକ ସଂସ୍କାର, ଟେଲିକମ୍ ବିପ୍ଳବ, ମହାକାଶ ମାନ୍ୟତା. ସଫ୍ଟୱୟାର ମହାଶକ୍ତି ଭାବେ ନୂଆ ପରିଚିତି ଆଜି ଏ ରାଷ୍ଟ୍ରକୁ ସଫଳ ଓ ସଶକ୍ତ ରାଷ୍ଟ୍ରର ମର୍ଯ୍ୟାଦା ଦେଇଛି। ଶିଳ୍ପ କ୍ଷେତ୍ରରେ ଆଶାନୁରୂପ ପ୍ରଗତି ହାସଲ ହୋଇଛି । ଦେଶର ଜନସଂଖ୍ୟା ୩୬ କୋଟିରୁ ଆସି ୧୩୪ କୋଟି ଟପିସାରିଲାଣି। ଏହି ସମୟ ମଧ୍ୟରେ ଆମର ସାକ୍ଷରତା ହାର ୧୮ ପ୍ରତିଶତରୁ ୭୪ପ୍ରତିଶତକୁ ବୃଦ୍ଧି ପାଇଛି। ଦେଶର ଅଭିବୃଦ୍ଧି ହାର ୩ ପ୍ରତିଶତରୁ ୮ ପ୍ରତିଶତକୁ ବୃଦ୍ଧି ପାଇଛି। ସେହିପରି ଭାରତୀୟଙ୍କ ହାରାହାରି ପରମାୟୁ ୩୩ବର୍ଷରୁ ୬୮ବର୍ଷକୁ ବୃଦ୍ଧି ପାଇଛି। ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଆମେ ଉଲ୍ଲେଖନୀୟ ସଫଳତା ହାସଲ କରିଛୁ। ବହୁ ଘାତ ପ୍ରତିଘାତ ମଧ୍ୟରେ ଏସବୁ ସଫଳତା ଭାରତକୁ ବିକାଶଶୀଳ ରାଷ୍ଟ୍ରର ମାନ୍ୟତା ଦେଇଛି।

ଏସବୁ ସଫଳତା ସତ୍ତ୍ୱେ ବାହାରେ ଯେଉଁ ଅନାଲୋଚିତ ଦିଗ ଅଛି ତାହାହେଉଛି ଏବେବି ଭାରତରେ ରହୁଛନ୍ତି ୨୮କୋଟି ନିରକ୍ଷର, ୨୬କୋଟି ଦାରିଦ୍ର୍ୟ ସୀମାରେଖା ତଳେ ଓ ଅପପୁଷ୍ଟିର ଶୀକାର ହେଉଥିବା ୪୨ପ୍ରତିଶତ ଶିଶୁ। ଏଥିସହିତ ସମସ୍ତଙ୍କୁ ଖାଦ୍ୟ, ବାସଗୃହ, ସ୍ୱାସ୍ଥ୍ୟସେବା, ବିଜୁଳି, ସଡକ, ଓ ପାନୀୟ ଜଳ ଯୋଗାଇବାରେ ମଧ୍ୟ ଆମେ ବିଫଳ ହୋଇଛୁ। ସେହିପରି ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ପୂରଣ କରିବାରେ ଆମର ସ୍ଥିତି ସନ୍ତୋଷଜନକ ନୁହେଁ। ଏପରିକି ସମଗ୍ର ବିଶ୍ୱରେ ଭାରତରେ ଭୋକିଲା ଲୋକଙ୍କ ସଂଖ୍ୟା ଅଧିକ । ଏହାର ମୂଳ କାରଣ ହେଉଛି ଦୁର୍ନୀତି ଓ ଭ୍ରଷ୍ଟାଚାର । ବିଡମ୍ବନା ହେଲାଯେ ଏହାର ପରିମାଣ କମୁନି ବରଂ ବର୍ଷକୁ ବର୍ଷ ବଢିବାରେ ଲାଗିଛି। ୧୯୪୮ମସିହା ଜିପ୍ କିଣା ଦୁର୍ନୀତି ଠାରୁ ଆରମ୍ଭ କରି ୧୯୯୬ ରେ ହ୍ୱାଓଲା ଓ ଗେଖାଦ୍ୟ ,୨୦୦୮ରେ ସେୟାର ବଜାର ,୨୦୧୦ରେ କମନୱେଲ୍‌ଥ ଗେମ୍ ,୨୦୧୧ ମସିହା ଆଦର୍ଶ ହାଉସିଂ ଓ ୨୦୧୨ ରେ ଟେଲିକମ ଦୁର୍ନୀତି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏବେ ପୁଣି ଚର୍ଚ୍ଚାକୁ ଆସିଥିଲା ବ୍ୟାପମ୍ ଦୁର୍ନୀତି। ଦୁର୍ନୀତି ଓ ଭ୍ରଷ୍ଟାଚାର କଥା ନକହିବା ଭଲ।

ସ୍ୱାଧୀନତାର ଅର୍ଥ କେବଳ ଏକଚ୍ଛତ୍ରବାଦ ଶାସକ ବା ବିଦେଶୀଙ୍କ କବଳରୁ ମୁକ୍ତି ନୁହେଁ ବରଂ ଜନକଲ୍ୟାଣ ଶାସନ ପଦ୍ଧତି ଦ୍ୱାରା ସାଧାରଣ ଲୋକଙ୍କୁ ବଞ୍ଚିବାର ମୌଳିକ ଆବଶ୍ୟକତା ଯୋଗାଇ ଦେବା । ସେ ସ୍ୱପ୍ନ ଆଜି ସୁଦୂର ପରାହତ । ବିଶ୍ୱ କ୍ଷୁଧା ସୂଚକାଙ୍କ ରିପୋର୍ଟ ଅନୁସାରେ ବିଶ୍ୱର ୮୦ଟି ବିକାଶମୁଖୀ ଦେଶମାନଙ୍କ ମଧ୍ୟରୁ ଆମ ଦେଶର ସ୍ଥାନ ହେଉଛି ୬୭ ତମ । ସମ୍ପ୍ରତି ପ୍ରାୟ ୧୩୪ କୋଟି ଲୋକଙ୍କ ମଧ୍ୟରୁ ୧୯ ପ୍ରତିଶତ ଲୋକ କ୍ଷୁଧାର୍ତ୍ତ ତାଲିକାରେ ଅଛନ୍ତି । ୪୨ ପ୍ରତିଶତ ଶିଶୁଙ୍କ ଓଜନ ସ୍ୱାଭାବିକ ଓଜନ ଠାରୁ କମ୍ । ୭ ପ୍ରତିଶତ ଶିଶୁ ଜନ୍ମର ୫ ବର୍ଷ ମଧ୍ୟରେ ମୃତ୍ୟୁବରଣ କରିଥାନ୍ତି । ଏବେବି ବିଶ୍ୱର ଅର୍ଦ୍ଧାଧିକ ନିରକ୍ଷର ଲୋକ ସ୍ୱାଧୀନ ଭାରତରେ ଅଛନ୍ତି। ଦୁର୍ନୀତି କଥା ନ କହିବା ଭଲ । ହଜାର ହଜାର ଲୋକ ଆଜିବି ଦାଦନ ଖଟୁଛନ୍ତି। କ୍ରମାଗତ ଚାଷି ଆତ୍ମହତ୍ୟ ଜାରି ରହିଛି। ୫୪ କୋଟି ଯୁବକ ମାନଙ୍କ ଦେଶ ଭାରତରେ ନିଯୁକ୍ତି ନପାଇ ଜନସଂଖ୍ୟାର ଏକ ବଡ ଭାଗ ବାହାରେ ଶୁଙ୍ଘିପିଣ୍ଡା ହେଉଛନ୍ତି। ସ୍ୱାଧୀନତାର ସାତ ଦଶନ୍ଧି ପରେ ସବୁଲୋକଙ୍କୁ ଦୁଇ ଓଳି ପେଟପୁରା ଆହାର ମିଳିଲା ନାହିଁ କି ସବୁ ଶିଶୁ ବିଦ୍ୟାଳୟ ଦୁଆର ମୁହଁ ମାଡି ପାରିଲେନି ।ଏହାହିଁ କ୍ଷୋଭର ବିଷୟ ।ଗୋଟିଏ ପଟେ ସୁପରପାୱାର ସ୍ୱପ୍ନ ଆମେ ଦେଖୁଥିବା ବେଳେ ଅନ୍ୟପଟେ ଦୁର୍ନୀତି, ଭ୍ରଷ୍ଟାଚାର, ଦାରିଦ୍ର୍ୟ,ବେକାରୀ ଓ ନିରକ୍ଷରତା ଭଳି ସମସ୍ୟା ଆମ ପ୍ରଗତି ପଥରେ ପ୍ରତିବନ୍ଧକ ସାଜିଛି। ଏହି ସମୟରେ କରୋନା ଆମ ଅର୍ଥନୀତି ଉପରେ ଗଭିର ପ୍ରତିକୂଳ ପ୍ରଭାବ ପକାଇ ଛି ।ଚଳିତ ଆର୍ଥିକ ବର୍ଷରେ ଅଭିବୃଦ୍ଧିହାର ଶୂନ ରହିବ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

ବର୍ତ୍ତମାନ କରୋନା ପରି ଏହି ଜାତୀୟ ବିପତ୍ତି ସମୟରେ ସାରା ଦେଶ ଏକଜୁଟ୍ ହେବା ଆମପାଇଁ ବଡ ଆଶ୍ୱସନାର ବିଷୟ । ଲକ୍‌ଡାଉନ ଓ ସଟ୍‌ଡାଉନ ସମୟରେ ଦେଶବାସୀ ଯେଉଁ ଏକତା ଓ ସଂଯମତା ଦେଖାଇଛନ୍ତି ସେଥିପାଇଁ ସମସ୍ତେ ପ୍ରଶଂସାର ପାତ୍ର। ଏବେ ଦେଶରେ କୋଭିଡ ସ୍ଥିତି ସ୍ୱାଭାବିକ ଆଡକୁ ଅସୁଥିବା ଘଟଣା ସମସ୍ତଙ୍କୁ ଆଶ୍ୱସ୍ତ କରିଛି। ମାର୍ଚ୍ଚ ମାସ ପାଇଁ କୋଭିଡ କଟକଣାରେ କେତେକ କୋହଳ କରାଯାଇଛି । ଜୀବନ-ଜୀବିକାକୁ ନଜରରେ ରଖି ଏହି କଟକଣାରେ ପରିବର୍ତ୍ତନ କରାଯାଇଛି। ଫଳରେ ଦେଶରେ ବିକାଶ ପ୍ରକ୍ରିୟା ଏବଂ ଅର୍ଥନୀତିକୁ ଚଳଚଞ୍ଚଳ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପାଗ ଭିଡିଛନ୍ତି। ପୂର୍ବରୁ ଯେଉଁ ସବୁ କାର୍ଯ୍ୟ କରିବା ପାଇଁ ଟାର୍ଗେଟ ନିଆଯାଇଥିଲା ତାହା କିପରି ନିର୍ଦ୍ଧାରିତ ସମୟରେ ଶେଷ ହେବ ସେଥିପାଇଁ ସରକାରୀ ସ୍ତରରେ ତନାଘନା ଆରମ୍ଭ ହୋଇଛି। ସେହିପରି ଯେଉଁ ଲୋକମାନେ ଜୀବିକା ଛାଡି ଘରମୁହାଁ ହୋଇଥିଲେ ସେମାନେ ପୁଣିଥରେ କାମକୁ ଫେରିବା ଲାଗି ବାଟ ଖୋଲାଯାଇଛି। ଏବେ ସମସ୍ତଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ଦରକାର।

## 'ଜନଜାତି ଶିକ୍ଷା ସମ୍ବାଦ'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦବୋଧନ

# ଜନଜାତି ଛାତ୍ରଛାତ୍ରୀଙ୍କୁ ରକେଟ୍ ସାଇନ୍ସ ପର୍ଯ୍ୟନ୍ତ ପହଁଚାଇବା ପ୍ରଧାନମନ୍ତ୍ରୀଙ୍କର କଳ୍ପନା : ଧର୍ମେନ୍ଦ୍ର



ନୂଆଦିଲ୍ଲୀ: ଜନଜାତି ସମାଜର ଛାତ୍ରଛାତ୍ରୀ କେବଳ ଛାତ୍ରବୃତି ପାଇବା ନୁହେଁ ବରଂ ରକେଟ୍ ସାଇନ୍ସ ପର୍ଯ୍ୟନ୍ତ କିପରି ପହଁଚିବେ, ସେ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର କଳ୍ପନା ରହିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀ ଠାରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗ ଦ୍ୱାରା ଆୟୋଜିତ ଜାନଜାତି ଶିକ୍ଷା ଉପରେ ଆୟୋଜିତ ସମ୍ବାଦ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଶିକ୍ଷା ନୀତି, ଜନଜାତି ସମୁଦାୟଙ୍କ ଶିକ୍ଷା ଉପରେ ଚର୍ଚ୍ଚା କରିଥିଲେ କେନ୍ଦ୍ରମନ୍ତ୍ରୀ। ପ୍ରଧାନମନ୍ତ୍ରୀଙ୍କର କଳ୍ପନା ହେଉଛି ଜନଜାତି ସମାଜର ଯୁବକ ଯୁବତୀମାନେ କେବଳ ଚାକିରି କରିବ ନାହିଁ ବରଂ ଉଦ୍ୟୋଗୀ ବନିବେ ଓ ଚାରିରି ଦେବେ, ଏହା ଆଜି ଷ୍ଟାଣ୍ଡଅପ୍ ଯୋଜନାରେ ପ୍ରତିଫଳିତ ହୋଇଛି । ଏକବିଂଶ ଶତାବ୍ଦୀରେ ଭାରତକୁ ଜ୍ଞାନ ଆଧାରିତ ମହାଶକ୍ତି କରିବା ପାଇଁ ସମସ୍ତ ବର୍ଗଙ୍କୁ ଜ୍ଞାନ ଏବଂ ଶିକ୍ଷା ସହ ଯୋଡ଼ିବାକୁ ହେବ। ଆଜି ଆମେ ଗୁଣାତ୍ମକ ଶିକ୍ଷାକୁ ଭାଷା ଆଧାରିତ, ସମାବେଶୀ ଏବଂ ସାର୍ବଭୌମିକ କରିବା ପାଇଁ ପ୍ରଚେଷ୍ଟା କରୁଛନ୍ତି। ରାଷ୍ଟ୍ରୀୟ ପାଠ୍ୟକ୍ରମର ରୂପରେଖ ପ୍ରସ୍ତୁତ କରାଯାଉଛି। ଏଭଳି ସମୟରେ ରାଷ୍ଟ୍ରୀୟ ଅନୁସୂଚିତ ଜନଜାତି ଆୟୋଗର ବ୍ୟାପକ ଅନୁଭବ ଏବଂ ନୀତିଗୁଡ଼ିକ ବାସ୍ତବରୂପ ଦେବାରେ ସହାୟକ ହେବ।

# ସେପ୍ଟେମ୍ବର ପର୍ଯ୍ୟନ୍ତ ମିଳିବ ମାଗଣା ଖାଦ୍ୟଶସ୍ୟ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ଆଉ ୬ ମାସ ପାଇଁ ବଢାଇ ଦେଇଛନ୍ତି କେନ୍ଦ୍ର ସରକାର । ଏହି ଯୋଜନା ମାଧ୍ୟମରେ ଗରିବ ଲୋକମାନଙ୍କୁ ମୁଣ୍ଡପିଛା ଅତିରିକ୍ତ ୫ କିଲୋଗ୍ରାମ ଖାଦ୍ୟ ଶସ୍ୟ ମାଗଣାରେ ଦିଆଯାଇଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏ ସଂପର୍କରେ ଟୁଇଟ କରି ଘୋଷଣା କରିଛନ୍ତି । ଏହି ସ୍କିମ ଦ୍ୱାରା ଦେଶର ପ୍ରାୟ ୮୦ କୋଟି ଲୋକ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଏହା ହେବ ୬ଷ୍ଠ ପର୍ଯ୍ୟାୟ । ୫ମ ପର୍ଯ୍ୟାୟ ଚଳିତ ମାର୍ଚ୍ଚ ମାସ ୩୧ ତାରିଖରେ ସମାପ୍ତ ହେଉଥିଲା । ୬ଷ୍ଠ ପର୍ଯ୍ୟାୟ ପାଇଁ ୮୦ ହଜାର କୋଟିର ବ୍ୟୟବରାଦ କରାଯାଇଛି । ଏହା ପୂର୍ବରୁ ଉତ୍ତରପ୍ରଦେଶ ସରକାର ମାଗଣା ରେସନ ସ୍କିମକୁ ଆଉ ତିନି ମାସ ପାଇଁ ବଢାଇ ଦେଇଥିଲେ । ଅନୁଷ୍ଠିତ ଉତ୍ତର ପ୍ରଦେଶ ସରକାରଙ୍କ ନୂଆ କ୍ୟାବିନେଟ୍‌ର ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା କଥା ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଘୋଷଣା କରିଛନ୍ତି । ଶୁକ୍ରବାର ଦିନ ଦ୍ୱିତୀୟ ପାଳିରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବା ପରେ ଏହା ହେଉଛି ଯୋଗୀ ଆଦିତ୍ୟନାଥଙ୍କର ପ୍ରଥମ ନିଷ୍ପତ୍ତି । ଏହି ଯୋଜନାରେ ୨୦୨୨ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ଲୋକେ ମାଗଣା ରେସନ୍ ପାଇବେ।

## ଗରିବ କଲ୍ୟାଣ ମୋଦି ସରକାରଙ୍କ ସର୍ବାଧିକ ପ୍ରାଥମିକତା: ଧର୍ମେନ୍ଦ୍ର



ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ଅବଧିକୁ ଆସନ୍ତା ସେପ୍ଟେମ୍ବର ଅର୍ଥାତ୍ ଆଉ ୬ ମାସ ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଯମାଦିଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନୟରନ୍ଦ୍ର ମୋଦି ଗରିବ, କୃଷକ ଏବଂ ଶ୍ରମିକ ସମେତ ଦେଶର ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାକୁ ପୁଣି ଛଅ ମାସ ପାଇଁ ବୃଦ୍ଧି କରିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାର କୋଭିଡର ପ୍ରତିକୂଳ ପରିସ୍ଥିତି ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦେଶର ସବୁଠାରୁ ବଡ଼ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶା ସମେତ ଦେଶର ୮୦ କୋଟି ଲୋକଙ୍କୁ ଘରେ ଘରେ ଚାଉଳ ପହଞ୍ଚାଉଛନ୍ତି । 'ଦେଶରେ କେହି ଭୋକରେ ରହିବେ ନାହିଁ', ଏହା ସୁନିଶ୍ଚିତ କରାଯାଇଛି ।

# ଯୋଗୀ ସରକାରଙ୍କ ଦ୍ୱିତୀୟ ପାଳି ଆରମ୍ଭ



ଲକ୍ଷ୍ନୌ : ଯୋଗୀ ଆଦିତ୍ୟନାଥ ଶୁକ୍ରବାର ଦିନ ଦ୍ୱିତୀୟ ଥର ପାଇଁ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି। ଲକ୍ଷ୍ନୌର ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମ୍‌ରେ ଆୟୋଜିତ ଭବ୍ୟ ଓ ବିଶାଳ ଶପଥ ଗ୍ରହଣ ଉତ୍ସବରେ ଶୁକ୍ରବାର ଦିନ ଯୋଗୀଙ୍କୁ ରାଜ୍ୟପାଳ ଆନନ୍ଦୀବେନ ପଟେଲ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଯୋଗୀଙ୍କ ସହିତ ୫୨ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ଉପମୁଖ୍ୟମନ୍ତ୍ରୀ, ୧୬ ଜଣ କ୍ୟାବିନେଟ୍ ମନ୍ତ୍ରୀ, ୧୪ ରାଷ୍ଟ୍ରମନ୍ତ୍ରୀ-ସ୍ୱାଧୀନ ଦାୟିତ୍ୱ ଏବଂ ୨୦ ଜଣ ରାଷ୍ଟ୍ରମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ୫୨ ମନ୍ତ୍ରୀଙ୍କ ମଧ୍ୟରେ ୩୨ ଜଣ ନୂଆ ମୁହଁ ଅଛନ୍ତି। କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବ୍ରାହ୍ମଣ ନେତା ବ୍ରଜେଶ ପାଠକ ଉପ ମୁଖ୍ୟମନ୍ତ୍ରୀଭାବେ ଶପଥ ନେଇଛନ୍ତି।

ଯୋଗୀଙ୍କ ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସଡକ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡକରୀ ଏବଂ ବିଜେପି ଶାସିତ ରାଜ୍ୟମାନଙ୍କର ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ। ଯୋଗୀଙ୍କ ସହ ଶପଥ ନେଇଥିବା କ୍ୟାବିନେଟ୍ ମନ୍ତ୍ରୀମାନେ ହେଲା ସୁରେଶ କୁମାର ଖାନ୍ନା, ସୂର୍ଯ୍ୟ ପ୍ରତାପ ସାହି, ସ୍ୱତନ୍ତ୍ର ଦେବ ସିଂହ, ବେବି ରାଣୀ ମୌର୍ଯ୍ୟ, ଲକ୍ଷ୍ମୀ ନାରାୟଣ ଚୌଧୁରୀ, ଜୟବୀର ସିଂହ, ଧର୍ମପାଳ ସିଂହ, ନନ୍ଦ ଗୋପାଳ ଗୁପ୍ତା ନନ୍ଦି, ଭୂପେନ୍ଦ୍ର ସିଂହ ଚୌଧୁରୀ, ଅନୀଲ ରାଜଭର, ରାକେଶ ସଚ୍‌ନ, ଅରବିନ୍ଦ କୁମାର ଶର୍ମା, ଯୋଗେନ୍ଦ୍ର ଉପାଧ୍ୟାୟ, ଆଶିଷ ପଟେଲ ଏବଂ ସଂଜୟ ନିଶାଦ। ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଭାବେ ନୀତିନ ଅଗ୍ରୱାଲ୍, କପିଳ ଦେବ ଅଗ୍ରୱାଲ୍, ସନ୍ଦୀପ ସିଂହ, ଗୁଲାବ ଦେବୀଙ୍କ ସମେତ ମୋଟ୍ ୧୪ ଜଣ ଶପଥ ନେଇଛନ୍ତି।

## ଆଇଆଇଟି ବମ୍ବେର ନୂତନ ଛାତ୍ରାବାସର ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

# ଆଇଆଇଟି ବମ୍ବେ ଭାରତକୁ ବିଶ୍ୱର ଶ୍ରେଷ୍ଠ ସ୍ଥାନରେ ସ୍ଥାନିତ କରିବ:ଧର୍ମେନ୍ଦ୍ର



ମୁମ୍ବାଇ : ଆଇଆଇଟି ବମ୍ବେ ନିଜ ଦକ୍ଷତା ବଳରେ ଭାରତକୁ ବିଶ୍ୱ ସ୍ତରରେ ଏକ ଶ୍ରେଷ୍ଠ ସ୍ଥାନକୁ ନେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ରବିବାର ଶିକ୍ଷାନୁଷ୍ଠାନର ନୂତନ ଛାତ୍ରାବାସର ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଓ ପ୍ରାଧ୍ୟାପକଙ୍କୁ ଏହି ଉତ୍କର୍ଷ ଛାତ୍ରାବାସର ଉଦଘାଟନ ପାଇଁ ଶୁଭେଚ୍ଛା ଜଣାଇଛନ୍ତି ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ କ୍ୟାମ୍ପସରେ ଉତ୍ତମ ବାତାବରଣ ଏକ ସକାରାତ୍ମକ ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ କରେ। ୧୧୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ଛାତ୍ରାବାସ ଦ୍ୱାରା ଛାତ୍ରଛାତ୍ରୀମାନେ ଅନେକ ସୁବିଧା ପାଇପାରିବେ। ପରିବର୍ତ୍ତିତ ଦ୍ରୁତ ଭୌଗଳିକ ଦୃଶ୍ୟପଟ୍ଟ ଏବଂ କୋଭିଡ୍ ପରବର୍ତ୍ତୀ ବୈଶ୍ୱିକ ଚ୍ୟାଲେଞ୍ଜ ଅନେକ ସୁଯୋଗ ଆଣିଦେଇଛି। ଭାରତ ବିଶ୍ୱର ଜଟିଳ ସମସ୍ୟାର ସମାଧାନର ରାସ୍ତା ବାହାର କରିଛି। ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା, ସ୍ୱଚ୍ଛ ଇନ୍ଧନ ଏବଂ ଆଗାମୀ ୫୦ ବର୍ଷ ପାଇଁ ଭାରତର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆଇଆଇଟି ବମ୍ବେର ଛାତ୍ରଛାତ୍ରୀମାନେ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିବା ସହ ଆବଶ୍ୟକତାକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ। ଆଇଆଇଟି ବମ୍ବେର ଦକ୍ଷତା ଉପରେ ଭାରତ ବିଶ୍ୱାସ କରୁଛି। ଏହି ଶିକ୍ଷାନୁଷ୍ଠାନର ପ୍ରତିଭାବାନ ମାନବ ସମ୍ବଳ ଆଗାମୀ ଦିଗରେ ନିଯୁକ୍ତି ସୃଷ୍ଟି କରିବେ, ଉଦ୍ଭାବନ, ବିଶ୍ୱ କଲ୍ୟାଣ ପାଇଁ କାର୍ଯ୍ୟ କରିବା ସହ ଏକ ସଦୃଢ଼ ଓ ଆତ୍ମନିର୍ଭର ଭାରତ ଗଢ଼ିବା ଦିଗରେ ମଧ୍ୟ କାର୍ଯ୍ୟ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ଶ୍ରୀ ପ୍ରଧାନ ଆଇଆଇଟି ବମ୍ବେ ନୂଆ ରାଷ୍ଟ୍ରୀୟ ଶିକ୍ଷା ନୀତି-୨୦୨୦ର ପରାମର୍ଶକୁ ଅନୁସରଣ କରୁଥିବା ଜାଣି ଖୁସିବ୍ୟକ୍ତ କରିଛନ୍ତି ।

# ଦ୍ୱିତୀୟ ଥର ପାଇଁ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେଲେ ପୁଷ୍କର ସିଂ ଧାମୀ



ଡେରାଡୁନ: ହାରିବା ପରେ ବି ହେଲେ ମୁଖ୍ୟମନ୍ତ୍ରୀ। ପୁଣି ମିଳିଲା ଉତ୍ତରାଖଣ୍ଡର ଦାୟିତ୍ୱ। ପୁଷ୍କର ସିଂ ଧାମୀ ଦ୍ୱିତୀୟ ଥର ପାଇଁ ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି। ଡେରାଡୁନର ପରେଡ ଗ୍ରାଉଣ୍ଡରେ ଏକ ବିଶାଳ ସମାରୋହରେ ରାଜ୍ୟପାଳ ଲେଫ୍ଟନାଣ୍ଟ ଜେନେରାଲ (ଅବସରପ୍ରାପ୍ତ) ଗୁରୁମିତ ସିଂ ତାଙ୍କୁ ପଦ ଓ ଗୋପନିୟତାର ଶପଥ ଗ୍ରହଣ କରାଇଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଅନେକ କେନ୍ଦ୍ରମନ୍ତ୍ରୀ ଏବଂ ରାଜ୍ୟର ପୂର୍ବ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିବା ଜଣାପଡିଛି। ୟୁପିରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଥିବା ଯୋଗୀ ଆଦିତ୍ୟନାଥ ମଧ୍ୟ ଏହି ଶପଥ ଗ୍ରହଣ ସମାରୋହରେ ଯୋଗ ଦେଇଥିବା ଜଣାପଡିଛି।

# ଦୁବାଇ ଏକ୍ସପୋରେ ତେଜସ୍ କୌଶଳ ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ଅନୁରାଗ



ନୂଆଦିଲ୍ଲୀ, (ପିଆଇବି): କେନ୍ଦ୍ର ମନ୍ତ୍ରୀ ଅନୁରାଗ ଠାକୁର ସମ୍ପ୍ରତି ଦୁବାଇ ଗସ୍ତରେ ଅଛନ୍ତି । ଆଜି ଗସ୍ତର ଦ୍ୱିତୀୟ ଦିନରେ ସେ ତେଜସ (ଟ୍ରେନିଂ ଫର ଏମିରେଟ୍ସ ଜବ୍ସ ଏଣ୍ଡ ସ୍କିଲ୍ସ) ଅଭିଯାନର ଶୁଭାରମ୍ଭ କରିଛନ୍ତି । ବିଦେଶରେ ଥିବା ଭାରତୀୟମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବା ଲାଗି ଏହା ହେଉଛି ଏକ ସ୍କିଲ ଇଣ୍ଡିଆ ଅନ୍ତର୍ଜାତୀୟ ପ୍ରକଳ୍ପ । ଭାରତୀୟମାନଙ୍କୁ କୌଶଳ ବିକାଶ, ପ୍ରମାଣପତ୍ର ପ୍ରଦାନ ଏବଂ ବିଦେଶରେ ନିଯୁକ୍ତି ଦେବା ଏହି ପ୍ରକଳ୍ପର ଉଦ୍ଦେଶ୍ୟ। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଭାରତୀୟ ଶ୍ରମବଳକୁ କୁଶଳୀ ତଥା ବଜାର ଆବଶ୍ୟକତା ଅନୁଯାୟୀ ସକ୍ଷମ କରିବା ନିମନ୍ତେ ମାର୍ଗପ୍ରଶସ୍ତ କରିବା ଲାଗି ତେଜସ ପ୍ରକଳ୍ପ ମାଧ୍ୟମରେ ପ୍ରୟାସ କରାଯିବ ।

ପ୍ରକଳ୍ପ ଶୁଭାରମ୍ଭ ଉପଲକ୍ଷେ ଆୟୋଜିତ ସମାରୋହକୁ ସମ୍ବୋଧିତ କରି ମନ୍ତ୍ରୀ କହିଥିଲେ ଯେ ଭାରତ ଏକ ଯୁବ ଜନସଂଖ୍ୟା ବହୁଳ ଦେଶ । ରାଷ୍ଟ୍ର ନିର୍ମାଣ ଏବଂ ଦେଶର ସମ୍ମାନ ବୃଦ୍ଧି କ୍ଷେତ୍ରରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଥାଏ । କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଏହି ଯୁବ ଜନସଂଖ୍ୟାକୁ କୌଶଳ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ଆମେ ଗୁରୁତ୍ୱାରୋପ କରୁଛୁ, ଯାହାଫଳରେ ଭାରତରୁ ଏକ ବୃହତ କୁଶଳୀ ଶ୍ରମବଳ ସମଗ୍ରକୁ ବିଶ୍ୱକୁ ଯୋଗାଇ ଦେବା ସମ୍ଭବ ହୋଇପାରିବ । ଭାରତ ଏବଂ ୟୁଏଇ ମଧ୍ୟରେ ଏକ ଦୃଢ଼ ସହଭାଗିତା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ ବିଷୟରେ କେନ୍ଦ୍ର ମନ୍ତ୍ରୀ ଉଲ୍ଲେଖ କରିଥିଲେ । ଶ୍ରୀ ଠାକୁର ଜୋର ଦେଇ କହିଥିଲେ ଯେ, ତେଜସ ଜରିଆରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୟୁଏଇରେ ୧୦ ହଜାର ଦୃଢ଼ ଭାରତୀୟ ଶ୍ରମଶକ୍ତି ସୃଷ୍ଟି କରିବା ଲାଗି ଲକ୍ଷ୍ୟ ରଖାଯାଇଛି ।

କେନ୍ଦ୍ର ମନ୍ତ୍ରୀ ଶ୍ରୀ ଅନୁରାଗ ଠାକୁର ଭାରତ ଏବଂ ୟୁଏଇର ଚଳଚ୍ଚିତ୍ର ଏବଂ ମନୋରଞ୍ଜନ ଜଗତର ପ୍ରମୁଖ ବ୍ୟକ୍ତିବିଶେଷଙ୍କ ସହିତ ସବିଶେଷ ଆଲୋଚନା କରିଥିଲେ । ପ୍ରଥମେ ସେ ଇ-ଭିଜନର ମିଡିଆ ଓ ମନୋରଞ୍ଜନ ବିଭାଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଃ ଓଲିଭର ବ୍ରାମଲେଙ୍କ ସହିତ ଆଲୋଚନା କରିଥିଲେ । ବୈଠକରେ ହଙ୍ଗାମା ଡିଜିଟାଲ ମିଡିଆର ପ୍ରତିଷ୍ଠାତା ଶ୍ରୀ ନୀରଜ ରାୟ ଏବଂ ଟାଟା ପ୍ଲେର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ହରିତ୍ ନାଗପାଲ ଯୋଗ ଦେଇଥିଲେ ।

# ଭୂପୃଷ୍ଠରୁ ଆକାଶକୁ ଲକ୍ଷ୍ୟଭେଦ କରିପାରୁଥିବା ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ, (ପିଆଇବି): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ପକ୍ଷରୁ ଓଡିଶା ଉପକୂଳ ଚାନ୍ଦୀପୁରସ୍ଥିତ ସମନ୍ୱିତ ପରୀକ୍ଷଣ ଘାଟୀରୁ ମଧ୍ୟମ ଦୂରତାବିଶିଷ୍ଟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ମାର୍ଚ୍ଚ ୨୭, ୨୦୨୨ରେ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟଭେଦ (ଏମଆରସାମ) କ୍ଷମତା ଥିବା ଏହି କ୍ଷେପଣାସ୍ତ୍ରର ଦୁଇଟି ସଫଳ ଫ୍ଲାଇଟ୍ ଟେଷ୍ଟ ସମ୍ପାଦିତ ହୋଇଛି । ଏହା ହେଉଛି ଏମଆରସାମ୍ କ୍ଷେପଣାସ୍ତ୍ରର ଭାରତୀୟ ସେନା ସଂସ୍କରଣ । ଲାଇଭ୍ ଫାୟାରିଂ ପରୀକ୍ଷଣର ଅଂଶବିଶେଷ ସ୍ୱରୂପ ଆକାଶ ମାର୍ଗରେ ଦ୍ରୁତବେଗରେ ଗତିଶୀଳ ହେଉଥିବା ଲକ୍ଷ୍ୟକୁ ଭେଦ କରିବା ଲାଗି କ୍ଷେପଣାସ୍ତ୍ରର ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ଆକାଶ ମାର୍ଗରେ ଥିବା ଲକ୍ଷ୍ୟକୁ ଠାବ କରିବା ସହିତ ସେଗୁଡିକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରି ଦେଇଥିଲା। ଉଭୟ ଦୂରତାରେ କ୍ଷେପଣାସ୍ତ୍ର ସିଧାସଳଖ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ମଧ୍ୟମ ଉଚ୍ଚତା ଏବଂ ଲମ୍ବା ଦୂରତାରେ ଥିବା ଲକ୍ଷ୍ୟ ଭେଦ କରିବା ଲାଗି ପ୍ରଥମ କ୍ଷେପଣାସ୍ତ୍ର ଉତକ୍ଷେପଣ କରାଯାଇଥିଲା । ଅନ୍ୟପଟେ କମ୍ ଉଚ୍ଚତାରେ ଥିବା କମ୍ ଦୂରତାବିଶିଷ୍ଟ ଲକ୍ଷ୍ୟକୁ ଭେଦ କରିବା ଲାଗି ଦ୍ୱିତୀୟ ବାର କ୍ଷେପଣାସ୍ତ୍ର ଉତକ୍ଷେପଣ କରାଯାଇଥିଲା। ଏହି ଏମଆରସାମ୍ ସଂସ୍କରଣର କ୍ଷେପଣାସ୍ତ୍ର ଭୂପୃଷ୍ଠରୁ ଆକାଶମାର୍ଗକୁ ନିକ୍ଷେପ କରାଯାଇପାରିବ । ଏହାକୁ ଡିଆରଡିଓ ଏବଂ ଇସ୍ରାଏଲର 'ଇସ୍ରାଏଲ ଏରୋସ୍ପ ?ସ୍ ଇଣ୍ଡଷ୍ଟ୍ରିଜ୍' (ଆଇଏଆଇ) ଦ୍ୱାରା ମିଳିତ ଭାବେ ବିକଶିତ କରାଯାଇଛି । ଭାରତୀୟ ସେନାର ବ୍ୟବହାର ପାଇଁ ଏହି କ୍ଷେପଣାସ୍ତ୍ର ନିର୍ମାଣ କରାଯାଇଛି । ଏମଆରସାମ ସେନା ଅସ୍ତ୍ର ପ୍ରଣାଳୀରେ ବହୁମୁଖୀ କାର୍ଯ୍ୟକ୍ଷମତା ବିଶିଷ୍ଟ ରାଡାର, ମୋବାଇଲ୍ ଉତ୍‌କ୍ଷେପଣ ପ୍ରଣାଳୀ ଏବଂ ଅନ୍ୟାନ୍ୟ ବାହନ ସଂଯୋଗ ହୋଇଛି । ଡେଲିଭରେବଲ କନଫିଗୁରେସନ ବା ନିକ୍ଷେପ ଯୋଗ୍ୟ ଅସ୍ତ୍ର ପ୍ରଣାଳୀ ସହିତ ଏହି ଫ୍ଲାଇଟ୍ ଟେଷ୍ଟ କରାଯାଇଥିଲା। ଚାନ୍ଦୀପୁର ଆଇଟିଆର ପକ୍ଷରୁ ନିୟୋଜିତ ରାଡାର, ଇଲେକ୍‌ଟ୍ରୋ-ଅପ୍ଟିକାଲ ଟ୍ରାକିଂ ସିଷ୍ଟମ ଏବଂ ଟେଲିମେଟ୍ରୀ ଭଳି ଦୂରତା ମାପନ ଉପକରଣ ମାଧ୍ୟମରେ ଏହି କ୍ଷେପଣାସ୍ତ୍ରର ଅସ୍ତ୍ର ପ୍ରଣାଳୀର ପ୍ରଦର୍ଶନ ସଂକ୍ରାନ୍ତ ତଥ୍ୟ ସଂଗ୍ରହ କରାଯାଇଥିଲା ।

# ଭାରତୀୟ ଆଦିମ ଜାତି ସେବକସଂଘର ୨ ଦିନିଆ ସର୍ବଭାରତୀୟ କର୍ମୀ ସମ୍ମିଳନୀ ଉଦ୍‌ଯାପିତ




ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ନୂଆଦିଲ୍ଲୀସ୍ଥିତ ଭାରତୀୟ ଆଦିମ ଜାତି ସବେକସଂଘର ୭୪ତମ ଦୁଇଦିନିଆ କାର୍ଯ୍ୟକର୍ତ୍ତା ଓ ସ୍ୱେଚ୍ଛାସେବୀ ସମ୍ମିଳନୀ ଭୁବନେଶ୍ୱର ଆର୍ଯ୍ୟ ପ୍ୟାଲେସ୍ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀର ପ୍ରଥମ ଦିନରେ ସଂଘର ଆୟ ଓ ବ୍ୟୟ ହିସାବ କାର୍ଯ୍ୟକାରୀ କମିଟି ବୈଠକରେ ଆଲୋଚନା ପରେ ସାଧାରଣ ପରିଷଦ ବୈଠକ ଗତ ୨୩ ତାରିଖରେ ଅନୁଷ୍ଠିତ ହୋଇଥିଲା । ସାଧାରଣ ପରିଦେ ବୈଠକରେ ଆଗାମୀ ୩ ବର୍ଷ ପାଇଁ କାର୍ଯ୍ୟକର୍ତ୍ତା ନିର୍ବାଚନ ଉଦ୍ଦେଶ୍ୟରେ ଉଚ୍ଚନ୍ୟାୟାଳୟର ଅଧିବକ୍ତା ଶ୍ରୀ ହଳଧର ସେଠୀଙ୍କୁ ନିର୍ବାଚନ ଅଧିକାରୀ ଭାବେ ଚୟନ କରାଗଲା ପରେ ସେ ନିର୍ବାଚନ ପରିଚାଳନା କରିଥିଲେ । ଏଥିରେ ଦେଶର ବିଶିଷ୍ଟ ସମାଜସେବୀ ତଥା ମୟୂରଭଂଜ ନିବାସୀ ଶ୍ରୀ ନୟନଚାନ୍ଦ ହେମ୍ବ୍ରମ ଭାରତୀୟ ଆଦିମ ଜାତି ସେବକ ସଂଘର ଅଧ୍ୟକ୍ଷ ଭାବେ ପୁନଃନିର୍ବାଚିତ ହୋଇଥିଲେ । ସେହିପରି, ଉପାଧ୍ୟକ୍ଷ ଭାବେ ଓଡ଼ିଶାରୁ ପଦ୍ମଶ୍ରୀ ତୁଳସୀ ମୁଣ୍ଡା, ମହାରାଷ୍ଟ୍ରରୁ ଶ୍ରୀ ବାଲ୍ ବିଜୟ ଜୀ ଓ ମଧ୍ୟପ୍ରଦେଶରୁ ଶ୍ରୀ ନହାର ସିଂ ୱାଖଲା, ସାଧାରଣ ସଂପାଦକ ଭାବେ ଉତ୍ତରପ୍ରଦେଶର ଶ୍ରୀ ଅଜୟ ଚୋବେ ଏବଂ ଗୁଜୁରାଟର ଇଲାବେନ୍ ଦେଶାଇଙ୍କୁ ମଧ୍ୟ କୋଷାଧ୍ୟକ୍ଷ ଭାବେ ସଂଘର ସାଧାରଣ ପରିଷଦ ପୁନଃନିର୍ବାଚିତ କରିଛି ।



# ଶରୀରର କେଉଁ ସ୍ଥାନରେ କଳାଜାଇ ରହିଲେ ତାହା କ'ଣ ସଙ୍କେତ ଦିଏ

**ଆମେମାନେ ସବୁ ଆଧୁନିକ ଦୁନିଆର ବାସିନ୍ଦା । ପରେ ମଧ୍ୟ ଏପରି କିଛି କଥାଅଛି ଯେଉଁଠାରେ ଆଧୁନିକତା କିଛି କାମ ଦେଇନଥାଏ । ପ୍ରାୟତଃ ଆଧୁନିକ ଯୁଗର ଲୋକମାନେ ଜ୍ୟୋତିଷ ଶାସ୍ତ୍ର, ବାସ୍ତୁ ଶାସ୍ତ୍ର ଆଦିରେ ବିଶ୍ୱାସ କରି ନଥାନ୍ତି । କିନ୍ତୁ କିଛି ଲୋକ ଏବେ ମଧ୍ୟ ଅଛନ୍ତି,ଯେଉଁମାନେ ଏସବୁରେ ଆସ୍ଥା ରଖିଛନ୍ତି । ଜ୍ୟୋତିଷ ଶାସ୍ତ୍ର ମଧ୍ୟ ଏକ ପ୍ରକାର ବିଦ୍ୟା କହିଲେ ଅତ୍ୟୁକ୍ତି ହେବ ନାହିଁ । ଏଥିରେ ଜ୍ୟୋତିଷମାନେ ହାତ ଦେଖି ଭାଗ୍ୟ ଓ ଭବିଷ୍ୟ ଆଦି ବିଷୟରେ କହିଥାନ୍ତି । ଜ୍ୟୋତିଷମାନଙ୍କ କହିବା ଅନୁସାରେ, ଆମ ଶରୀରରେ ଏପରି ଚିହ୍ନ ରହିଛି ଯାହା ଆମକୁ ଆମ ଭବିଷ୍ୟତ ବିଷୟରେ ସଙ୍କେତ ଦେଇଥାଏ । ତାହା ଭଲ ବି ହୋଇପାରେ ଆଉ ଖରାପ ମଧ୍ୟ ହୋଇପାରେ ।**

ସେହିପରି ମଣିଷ ଶରୀରରେ କଳାଜାଇ ଭଳି ଚିହ୍ନ ଥାଏ ଯାହାଦ୍ୱାରା ବିଭିନ୍ନ ପ୍ରକାର ଭବିଷ୍ୟ ପରିକଳ୍ପନା କରାଯାଇଥାଏ । ଶରୀରର ବିଭିନ୍ନ ସ୍ଥାନରେ କଳାଜାଇ ରହିଥାଏ । ଏହା ଲୋକର ସ୍ୱଭାବକୁ ମଧ୍ୟ ଦର୍ଶାଇଥାଏ । ତେବେ ଆସନ୍ତୁ ଜାଣିବା ଶରୀରର କେଉଁ ସ୍ଥାନରେ କଳାଜାଇ ଥିଲେ କ'ଣ ହୋଇଥାଏ ।

ବାମ ଗାଲରେ କଳାଜାଇ – ଯେଉଁମାନଙ୍କର ବାମ ଗାଲରେ କାଳାଜାଇ ଥାଏ ସେମାନେ ବହୁତ ଧନୀ ହୋଇଥାନ୍ତି । ମାତ୍ର ସେମାନେ ଅର୍ଥ ସଞ୍ଚୟ କରିପାରିନଥାନ୍ତି ।

ଡାହାଣ ଗାଲରେ କଳାଜାଇ – ଯଦି ଆପଣଙ୍କ ଡାହାଣ ଗାଲରେ କଳାଜାଇ ଅଛି ତେବେ ବିବାହ ପରେ ଆପଣଙ୍କ ଭାଗ୍ୟ ଖୋଲିପାରେ । ଆପଣ ଯାହା ଚାହୁଁଛନ୍ତି ତାହା ହାସଲ କରିପାରିବେ ।

ବାମ କାଖରେ କଳାଜାଇ : ଯେଉଁମାନଙ୍କର କାଖରେ କଳାଜାଇ ଥାଏ ସେମାନେ ସ୍ୱାସ୍ଥ୍ୟ ପାଇଁ ସାବଧାନ ରହିବା ଜରୁରୀ । କାରଣ ସେମାନଙ୍କର ରୋଗ ଏବଂ ରୋଗର ଚିକିତ୍ସା ପାଇଁ ଅଧିକ ଅର୍ଥ ଖର୍ଚ୍ଚ ହୋଇଥାଏ ।

ନାକରେ କଳାଜାଇ – ନାକରେ କଳାଜାଇ ରହିବା ଅତ୍ୟନ୍ତ ଶୁଭ । ବିବାହ କରିବା ପରେ ଆପଣ ମଧ୍ୟ ଏକ ସୁଖୀ ଜୀବନର ଆନନ୍ଦ ଉଠାଇପାରିବେ ଏବଂ ଆପଣଙ୍କ ସମସ୍ତ ସ୍ୱପ୍ନ ପୂରଣ କରିପାରିବେ ।

ଓଠ ତଳେ କଳାଜାଇ – ଯେଉଁମାନଙ୍କର ଓଠର ତଳେ ଡାହାଣ ପଟେ କଳାଜାଇ ଥାଏ ସେମାନଙ୍କର ସବୁବେଳେ ଅର୍ଥ ଅଭାବ ଲାଗି ରହିଥାଏ ।

ବାମ ଗୋଡରେ କାଳାଜାଇ – ଯେଉଁମାନଙ୍କର ବାମ ଗୋଡରେ କଳାଜାଇ ଥାଏ ସେମାନଙ୍କର ଆକସ୍ମିକ ଭାବେ ଟଙ୍କା ଖର୍ଚ୍ଚ ହୋଇଥାଏ । ପଇସା ସଞ୍ଚୟ ହୋଇନଥାଏ ।

ଦୁଇ ଭ୍ରୂଲତା ମଝିରେ କଳାଜାଇ : ଯେଉଁମାନଙ୍କର ଦୁଇ ଭ୍ରୂଲତା ମଝିରେ କଳାଜାଇ ଥାଏ ତାହା ଶୁଭଙ୍କର ହୋଇଥାଏ । ସଫଳତା ମିଳିଥାଏ ।

# ସୋୟାବିନ୍‌ର ପୋଷକତତ୍ତ୍ୱ



ସୋୟାବିନ୍‌ରେ ପୋଷକ ତତ୍ୱ ଭରି ରହିଛି । ଏଥିରେ ପ୍ରଚୁର ପରିମାଣରେ ପ୍ରୋଟିନ୍ ଉପଲବ୍ଧ ହୁଏ । କ୍ୟାଲସିୟମ ଓ ଫାଇବର ମଧ୍ୟ ଏଥିରେ ଥାଏ ।ସୋୟା ଖାଇବାକୁ ମଧ୍ୟ ସୁସ୍ୱାଦୁ ଅଟେ । ଏଥିରେ ଏକ ବିଶେଷ ଅମ୍ଳ ଲାଇଜିନ୍ ମିଳେ, ଯାହା ଶରୀରର ସବୁ ପ୍ରକାରର ବିଲ୍ଡିଂ ବ୍ଲକ ଅଟେ । ଲାଇଜିନ୍ ରୁ ଫେରିଟିନ୍ ଆୟରନ ର ଉତ୍ପତ୍ତି ମଧ୍ୟ ହୋଇଥାଏ । ଯାହା କେଶ ବୃଦ୍ଧିରେ ସହାୟକ ହୁଏ ।

ଭପ୍ରାକୃତିକ ସୋୟା କ୍ଷୀରରେ ସୁପାଚ୍ୟ କ୍ୟାଲସିୟମ ଥାଏ । ସୋୟା କ୍ଷୀରରେ ଗାଇ କ୍ଷୀର ମାତ୍ରାର ପ୍ରୋଟିନ୍ ଥାଏ ।

ଭସୋୟାବିନ୍ ରେ ଅମିନୋ ଲାଇଜିନ୍ ମିଳେ । ଯାହା ଶରୀରରେ ସବୁ ପ୍ରକାର ପ୍ରୋଟିଂସ ବ୍ଲକ ବିଲ୍ଡିଂ କରିଥାଏ ।ଲାଇଜିନ ଫେରିଟିନ୍ ଆୟରନ ର କାଣ ମଧ୍ୟ, ଯାହା ବାଳ ଗ୍ରୋଥ କରିବାରେ ସହଯୋଗ କରେ ।

ଭଯଦି ରାତିରେ ନିଦ ସମସ୍ୟା ହେଉଛି , ତେବେ ସୋୟା ଖାଆନ୍ତୁ । ଏହି ଅନିଦ୍ରା ଦୂର କରିଥାଏ । ଭସୋୟାବିନ୍ ଶରୀରର ନିର୍ମାଣ କାରି ପ୍ରୋଟିନ୍ ଓ ଖଣିଜ ତତ୍ୱରେ ଭରପୁର ଥାଏ ।



ପାନ ମଧୁରୀକୁ ଔଷଧର ରାଣୀ ଓ ପାନର ଜୀବନ ବି କୁହାଯାଏ । ଏହାକୁ ଚୋବାଇକି ମୁହଁ କୁ ଫ୍ରେସ କରାଯାଇଥାଏ । କାରଣ ଏହା ଥଣ୍ଡା ତତ୍ୱ ରେ ଭରପୁର । ଏହା ବହୁତ ରୋଗର ଆରୋଗ୍ୟ ଦାୟକ କାରଣ ବି ହୋଇଥାଏ ।

# ପାନ ମଧୁରୀର ଔଷଧିୟ ଗୁଣ

ମଧୁରୀରେ ଜିଙ୍କ, ଆୟରନ , ପୋଟାସିୟମ, ମ୍ୟାଗନେସିୟମ, କ୍ୟାଲସିୟମ ଓ ମିନେରାଲସ ମିଳେ । ତଣୁ ଏହାକୁ ଖାଇଲେ ଅନେକ ଲାଭ ମିଳେ । ଆସନ୍ତୁ ଜାଣିବା ସେହି ବିଷୟରେ । ମଧୁରୀର ଚା' ପିଇଲେ ଜଣ୍ଡିସର ଆଶଙ୍କା କମ୍ ହୋଇଥାଏ । ଏହା ସହିତ କିଡ଼ନୀ ର କାର୍ଯ୍ୟକାରୀ ଶକ୍ତି ବଢେ ଓ ଏହା ରକ୍ତ ମଧ୍ୟ ସଫା କରେ । ମଧୁରୀ ଛୋଟ ଓ ବଡ଼ ଦାନା ଦୁଇ ପ୍ରକାରର ମିଳେ । ଦୁହେଁ ବାସନାଯୁକ୍ତ । ଏହାର ବ୍ୟବହାର ଆଚାର ଓ ତରକାରୀ ବ୍ୟତିତ ଏହା ଏକ ଔଷଧ ମଧ୍ୟ ଅଟେ । ଆର୍ୟୁବେଦରେ ଏହାକୁ ତ୍ରିଦୋଷ ନାଶକ କୁହାଯାଏ ।

ରାତିରେ ଠିକ୍ ସେ ନିଦ ନହେଲେ ଆଖିଫୁଲି ଯାଏ । ଏଥିପାଇଁ ମଧୁରୀର ଚା' କରି ସେଥିରେ ତୁଳା ଭିଜାଇ ଆଖିକୁ ୧୦ ମିନିଟ ଯାଏ ସେକିଲେ ଲାଭ ମିଳିବ । ମଧୁରୀ ଓଜନ କମାଇବାରେ ସହଯୋଗୀ ହୁଏ ଓ ଏହା ଶରିରର ଫ୍ୟାଟ୍ ବି କମାଇ ଥାଏ । ଏହାର ପାଣି ଶରୀରକୁ ଥଣ୍ଡା ରଖେ ।

# କେଶର ପ୍ରାକୃତିକ ଯତ୍ନ ନେବେ କିପରି ?



ଅଁଳା, ରିଠା, ଶିକାକାଇ, ବ୍ରାହ୍ମୀ, ଭୃଙ୍ଗରାଜ, ମେଥିଦାନା, ( ସବୁ କୁ ୧୦୦ ଗ୍ରାମ ) ଓ ୫୦ ଗ୍ରାମ କପୂରକୁ ଅଲଗା ଅଲଗା ପାଉଡର କରିନିଅନ୍ତୁ । ଏବଂ ୩-୪ ଥର ଏହାକୁ ଛାଣି ଦିଅନ୍ତୁ । ଏହାକୁ ଲୁହା କଡେଇରେ ରଖି ୧୦୦ ଗ୍ରାମ ରାଶି ତେଲ ତଥା ଦେଢ ଲିଟର ପାଣି ମିଶାଇ ଗରମ କରନ୍ତୁ । ଯେତେବେଳେ ପାଣି ଅଧା ରହିଯାଏ, ଓ କଳା ରଙ୍ଗର ହୋଇଯାଏ, ଏହାକୁ ଚୁଲିରୁ ଓହ୍ଲାଇ ଆଣନ୍ତୁ । ଥଣ୍ଡା ହୋଇଗଲେ ଛାଣିଦେଇ ଏହି ପାଣିକୁ ବୋତଲେ ଭରି ଦିଅନ୍ତୁ ।

ପ୍ରୟୋଗ କରିବା ବିଧି : ସ୍ନାନ କରି ସାରିବାପରେ ବାଳକୁ ଭଲ ଭାବରେ ପୋଛି ଟିକେ ପବନ ବାଜିବାକୁ ଦେବେ ଯେପରି ବାଳ ପୁରା ଶୁଖିଯାଏ । ଏବେ ଆଙ୍ଗୁଠି ଟିପ ସାହାଯ୍ୟରେ ବାଳ ମୂଳରେ ଏହିମିଶ୍ରଣକୁ ଲଗାଇ ପବନରେ ଶୁଖିବାକୁ ଦିଅନ୍ତୁ । ଏହା ଦ୍ୱାରା କେଶକୁ ପର୍ଯ୍ୟାପ୍ତ ପୋଷଣ ମିଳିଲେ ମଧ୍ୟ କେଶ ତେଲିଆ ଦେଖାଯିବନି । ତଥାପି ଯଦି ଆପଣ କେଶକୁ ତେଲିଆ ଦେଖାଯିବାକୁ ଚାହାନ୍ତି, ତେବେ ଏହା ଉପରେ ତେଲ ଲଗାଇ ପାରନ୍ତି ।

ଏହି ବିଧି ପ୍ରୟୋଗ କରୁଥିଲେ, ସ୍ୟାମ୍ପୋ ବା ମେହେନ୍ଦି ଲଗାଇବେ ନାହିଁ ।

ଅନ୍ୟ ଉପାୟ :

- ଶୁଖିଲା ଅଁଳାକୁ ପାଣିରେ ଫୁଟାନ୍ତୁ ଯେପରି ପାଣି ଅଧା ରହିଯାଏ । ଏଥିରେ ମେହେନ୍ଦି ଓ ଲେମ୍ବୁରସ ମିଶାଇ କେଶ ମୂଳରେ ଲଗାନ୍ତୁ । ଏହା କଲେ ଅସମୟରେ ବାଳ ପାଚୁଥିଲେ ତାହା ବନ୍ଦ ହୋଇଯାଏ ।
- ମେହେନ୍ଦି, ଲିମ୍ବ ଓ ବରକୋଳି ପତ୍ର କୁ ପୁଦିନା ରେ ସମାନ ମାତ୍ରାରେ ନେଇ, ବାଟି ଏହି ଗୁଳାକୁ ଏକ ଲୁହା କଢେଇରେ ନଡିଆ ତେଲ ସହଗରମ କରନ୍ତୁ, ଯେତେବେଳେ ତେଲ ଗରମ ହୋଇଯିବ ଓ ସେଥିରୁ ଫେଣ ବାହାରିବ, ତାକୁ ଚୁଲିରୁ ବାହାର କରିଦେବେ । ଏହି ମିଶ୍ରଣକୁ ୩ଦିନ ଏହିପରି ରଖିବେ ଓ ଚତୁର୍ଥ ଦିନ ଏହାକୁ କପଡାରେ ଛାଣି ଦେଇ କାଚ ବୋତଲରେ ରଖିଦିଅନ୍ତୁ । ରାତିରେ ଶୋଇବା ସମୟରେ ଏହି ତେଲକୁ କେଶ ମୂଳରେ ଲଗାଇ ଦିଅନ୍ତୁ, ଏହା ଦ୍ୱାରା କେଶ ଘନ ହେବା ସହ ଭଲ ନିଦ ବି ହୋଇଥାଏ ।

ଏହି ଉପାୟ ଅବଲମ୍ବନ କରୁଥିଲେ, ମୁଣ୍ଡରେ ଅନ୍ୟ ତେଲ, ସାବୁନ, ସାମ୍ପୋ ଇତ୍ୟାଦି ବ୍ୟବହାର କରିବେନି । ମୁଲତାନି ମାଟିକୁ ପାଣିରେ ମିଶାଇ କପଡାରେ ଛାଣି ଦିଅନ୍ତୁ, ଓ ଏହି ପାଣିରେ କେଶ ଧୋଇ ତାପରେ ଥଣ୍ଡା ପାଣିରେ ଧୋଇଦିଅନ୍ତୁ ।



# ନବଜାତକଙ୍କୁ ଗାଇ କ୍ଷୀର କ୍ଷତିକାରକ ହୁଏ

ଏକ ବର୍ଷରୁ କମ୍ ବୟସର ଶିଶୁଙ୍କୁ ଗାଇଖିର ତାଙ୍କା ଶ୍ୱାସନ ପ୍ରକ୍ରିୟା ଓ ପାଚନତନ୍ତ୍ରରେ ଏଲାର୍ଜି ସମ୍ବନ୍ଧୀୟ ରୋଗ ବୃଦ୍ଧିର ଆଶଙ୍କା ରଖେ । କାରଣ ଏହି ଖିରରେ ଥିବା ପ୍ରୋଟିନ୍ କୁ ସେମାନେ ହଜମ କରିପାରନ୍ତିନି । ବିଶେଷଜ୍ଞ କହିଛନ୍ତି, ଯେଉଁ ଶିଶୁ ମାନଙ୍କୁ ମା' କ୍ଷୀର ମିଳେନାହିଁ । ସେମାନଙ୍କ ସ୍ୱାସ୍ଥ୍ୟ ସୁଧାରିବା ପାଇଁ ପୋଷଣର ବୈକଳ୍ପିକ ରୂପ ଆବଶ୍ୟକ ହୁଏ । ଶିଶୁ ବିଶେଷଜ୍ଞ କହନ୍ତି, ଯଦି ଗାଇର ଖିର ପ୍ରାରମ୍ଭିକ ସମୟରେ ଦିଆଯାଏ ତେବେ ଲୌହ ତତ୍ୱର ନିମ୍ନ ସାନ୍ଦ୍ରତା ରେ ଏନିମିଆର ଆଶଙ୍କା ହୋଇପାରେ ।

ଡ୍ୟାନୋନ ଇଣ୍ଡିଆ ର ହେଲ୍‌ଥ ଆଣ୍ଡ ନ୍ୟୁଟ୍ରିସନ୍ ସାଇନ୍ସ ବିଭାଗ ର ନନ୍ଦନ ଜୋଶୀ କହିଛନ୍ତି, ଗାଇ ଖିର ଅନାଦି କାଳରୁ ଆମ ସଂସ୍କୃତି ସହ ଜଡିତ ହୋଇଅଛି । ହେଲେ ଏହାକୁ ଏକବର୍ଷରୁ କମ୍ ଶିଶୁଙ୍କୁ ଏହା ଦେବା ଉଚିତ ନୁହେଁ । ଏହା ଶିଶୁର ଅପରିପକ୍ୱ କିଡ୍‌ନିରେ ଚାପ ପକାଇପାରେ । ତଥା ଏହାକୁ ହଜମ କରିବା ବହୁତ କଷ୍ଟ ହୋଇଥାଏ । ସେହିପରି ଏକ ବର୍ଷରୁ ଉପର ଶିଶୁଙ୍କୁ ଘର ର ଅନୁରୂପ ଭୋଜନ ଦିଆଯାଇପାରେ । ଏକବର୍ଷରୁ କମ୍ ବୟସର ଶିଶୁଙ୍କୁ ହାଇଡ୍ରୋଲାଇଜଡ୍ ଓ ଏମିନୋ ଏସିଡ- ଆଧାରିତ ଭୋଜନର ଆବଶ୍ୟକତା ହୋଇଥାଏ । ଯେଉଁଥିରେ ଏଲାର୍ଜି ନଥାଏ ।

ଭାରତରେ ଅଧିକତର ଶିଶୁଙ୍କୁ ଗାଇଖିର ଦିଆଯାଏ । କାରଣ ଗ୍ରାମୀଣ ଅଞ୍ଚଳରେ ବିଶେଷକରି ଗ୍ରାମୀଣ କ୍ଷେତ୍ରରେ ଜଗରୁକତା ର ଅଭାବ ଥାଏ । ରାଷ୍ଟ୍ରୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେକ୍ଷଣ ରୁ ଜଣାଯାଇଛି କେବଳ ୪୦% ଶିଶୁଙ୍କୁ ସମୟ ଅନୁରୂପ ଭୋଜନ ମିଳେ ଓ କେବଳ ୧୦% ଶିଶୁ ୬ ରୁ ୨୩ ମାସ ମଧ୍ୟରେ ପର୍ଯ୍ୟାପ୍ତ ଆହାର ପ୍ରାପ୍ତ କରି ପାରନ୍ତି । ପ୍ରାୟ ୪୨% ଶିଶୁଙ୍କୁ ଗାଇଖିର ଦିଆଯାଏ । ଏହା ଏକ ସର୍ଭେରୁ ଜଣାଯାଇଛି ।

# ମେକ୍‌ଅପ୍ ପୂର୍ବରୁ ଫାଉଣ୍ଡେସନ୍‌ର ଚୟନ




**ତ୍ୱଚା ପାଇଁ ଅଏଲ ଫ୍ରି, ମ୍ୟାଟ ବା ସେମିମ୍ୟାଟ ଫାଉଣ୍ଡେସନ ଉପଯୁକ୍ତ ଅଟେ । ଏହା ମୁହଁ ରେ ଦାଗ ଆଦି ବଢାଇବାକୁ ଦିଏ ନାହିଁ । ଏହା ମଧ୍ୟ ତ୍ୱଚାରେ ଥିବା ଅତିରିକ୍ତ ତେଲ କୁ ବି ରୋକିଥାଏ । ଏହାକୁ ଲଗାଇବା ପରେ ଲୁଜ ଟ୍ରାନ୍ସପାରେଣ୍ଟ ପାଉଡର ଲଗାଇଲେ ଏହା ବହୁସମୟ ଯାଏ ରହିପାରେ । ତ୍ୱଚାରେ ବହୁତ ହାଲକା ଏକ୍‌ନେ ଥାଏ, ସେଥିରେ ଶିୟର ଫାଉଣ୍ଡେସନ ର ବ୍ୟବହାର ସହଜରେ କରାଯାଇପାରେ । ମୁହଁ ରେ ଦାଗଥିଲେ ମିନିମମ୍ ଅଏଲ ବାଲା କେକ୍ ଫାଉଣ୍ଡେସନ ବାଛନ୍ତୁ । ଫାଉଣ୍ଡେସନ ପୂର୍ବରୁ ୱାଟର ବେସ୍‌ଡ କ୍ରିମ୍ ବା ଆଲକୋହଲ ବେସଡ୍ ଲିକ୍ୱିଡ ର ମଧ୍ୟ ପ୍ରୟୋଗ କରାଯାଇପାରେ ।**

ସାଧାରଣ ତ୍ୱଚା ପାଇଁ ମାଇଷ୍ଟ ସେମି ମ୍ୟାଟ ଫାଉଣ୍ଡେସନ ଉପଯୁକ୍ତ ଅଟେ । ଶିୟର ଅନ୍ ବି ହାଲକା ରଙ୍ଗ ପାଇଁ ବ୍ୟବହାର କରିପାରନ୍ତି । ମଡରେଟ ଲୁକ୍ ଅତ୍ୟଧିକ ଖରାରେ ରଙ୍ଗ ବଦଳି ଯାଇଥିଲେ, ଆବଶ୍ୟକ ପଡେ ।

ଡ୍ରାଏ ସ୍କିନ୍ ପାଇଁ ମଇଶ୍ଚର ଆବଶ୍ୟକ ହୁଏ । ଏଥିପାଇଁ ଅଏଲ ବେସଡ୍ ୱାଟର ଫାଉଣ୍ଡେସନ୍ ଲଗାଇବା ଉଚିତ । ଏଥିରେ ଥିବା ଅଏଲ ସେମି ମ୍ୟାଟ ଲୁକ୍ ଦେବ । ଯଦି ତ୍ୱଚା ବହୁତ ଡ୍ରାଏ ତେବେ ସୁଫଲେ ଫାଉଣ୍ଡେସନ୍ ଉପଯୋଗୀ ହେବ । କାରଣ ଏହା ଗାଢା ଅଟେ । ଏହା ପୂର୍ବରୁ ମଇଶ୍ଚରାଇଜର ଲଗାଇବା ମଧ୍ୟ ଆବଶ୍ୟକ । ଯଦି ମଥା, ଗାଲ, ରେ ଅଏଲି ରହୁଛି, ଏପରି ସାଧାରଣ ତ୍ୱଚାପାଇଁ ଫାଉଣ୍ଡେସନ ପୂର୍ବରୁ ତ୍ୱଚାକୁ ପ୍ରସ୍ତୁତ କରିବା ଉଚିତ । ଏହି ସବୁ ତେଲିଆ ଭାଗକୁ ଆଷ୍ଟ୍ରିଜେଣ୍ଟରେ ସଫା କରି ଦିଅନ୍ତୁ । ତାପରେ ଅଏଲ ଫ୍ରି ମଇଶ୍ଚରାଇଜର ଲଗାଇ ଶେଷ ରେ ଫାଉଣ୍ଡେସନ ଲଗାଇବା ଉଚିତ ।

ଏପରି ଉପାୟରେ ଫାଉଣ୍ଡେସନ ବ୍ୟବହାର କରିଲେ, ସବୁ ଶ୍ରେଣୀର ତ୍ୱଚା ପାଇଁ ନିଜର ମେକ୍ ଅପ୍ ବେଶିସମୟ ରହିପାରିବ । ତଥା ତ୍ୱଚା ଆକର୍ଷଣୀୟ ଓ ଉଜ୍ଜ୍ୱଳ ଦେଖାଯିବ । ଯାହା ଆତ୍ମବିଶ୍ୱାସ ବଢାଇବ ।

# ଆବଶ୍ୟକୀୟ ପରିମାଣର ପାଣି ପିଉ ନଥିଲେ...



ସ୍ୱାସ୍ଥ୍ୟପାଇଁ ପାଣି ପିଇବା ଭଲ ଅଭ୍ୟାସ । ଏବେ ପାଣି ବିଶେଷଜ୍ଞଙ୍କ ଏକ ନୂଆ ଅଧ୍ୟାୟ ଜୋଡି ହୋଇଯାଇଛି । ଗବେଷକ ମାନେ କହିଛନ୍ତି, ଆପଣ ଭଲ ମୁଡରେ ଥିଲେ ହିଁ ପାଣି ଅଧିକ ଶାନ୍ତି ଦେଇଥାଏ । ୟୁନିଭର୍ସିଟି ଅଫ କନେକ୍ଟିକଟ୍ ର ଗବେଷକ ଦାବି କରିଛନ୍ତି, ଶରୀରରେ ପାଣିର ପରିମାଣ ସାମାନ୍ୟ କମି ଗଲେ ବି ଏହା ମାନସିକ ସ୍ତରରେ ପ୍ରତିକୂଳ ପ୍ରଭାବ ପକାଇ ଥାଏ । ସାଧାରଣତଃ ମହିଳା ମାନଙ୍କ ଠାରେ ଏହା ସ୍ପଷ୍ଟ ଜଣାପଡିଯାଏ । ପାଣି ବ୍ୟକ୍ତିର ମସ୍ତିଷ୍କ, ଶକ୍ତି, ଓ ଚିନ୍ତା ଶକ୍ତି ବଦଳାଇବାର କ୍ଷମତା ରଖିଥାଏ । ପାଣିବିନା ଜୀବନର କଳ୍ପନା କରାଯାଇପାରେ ନାହିଁ । ପାଣି ପ୍ରାୟ ସବୁ ରୋଗର ବି ଉପଚାର କରିଥାଏ । ଡାକ୍ତରଙ୍କ ଅନୁଯାୟୀ ଆମକୁ ପ୍ରତିଦିନ କମ ସେ କମ ୮ ରୁ ୧୦ ଗିଲାସ ପାଣି ପିଇବା ଉଚିତ । ହେଲେ ସବୁ ଜିନିଷର କିଛି ଭଲ ଥିଲେ କିଛି ମନ୍ଦ ବି ଥାଏ । ତେଣୁ ଆସନ୍ତୁ ପାଣି ପିଇବାର ସଠିକ୍ ଉପାୟ କ'ଣ ଜାଣିବା । ଆମ ଦିନର ଆରମ୍ଭ ପାଣି ସହିତ କରିବା ଉଚିତ । ଯେତିକି ପାଣି ପିଇ ହେବ ସେତିକି ପିଇବା ଉଚିତ । ପାଣିପିଇବାର ଆବା୍ୟକତା ଥିବା ବେଳେ ହିଁ ପାଣି ପିଇବା ଉଚିତ । ଏପରିସମୟରେ ପାଣି ପିଇଲେ ତାହା ପୁରା ଶରୀରକୁ ସଫା କରିଥାଏ । ଏହା କେବଳ ଶରୀରକୁ ସଫା କରେ ନାହିଁ ପରନ୍ତୁ ଶରୀରରୁ ମଇଳା ସବୁକୁ ବି ନିଷ୍କାସିତ କରିଦିଏ । ସକାଳୁ ପାଣି ପିଇଲେ ସାରା ଦିନ ଫ୍ରେସ ଲାଗିଥାଏ ।

# ଆନ୍ତର୍ଜାତିକ ସୁଟର ଶ୍ରୀୟଙ୍କା ଷଡଙ୍ଗୀ ଓ ପାରା ଆଥଲେଟ ଜୟନ୍ତୀ ବେହେରାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସମ୍ବର୍ଦ୍ଧନା




**ଜୟନ୍ତୀଙ୍କୁ ୧୫ ଲକ୍ଷ, ଶ୍ରୀୟଙ୍କାଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର**

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶନିବାର ନବୀନ ନିବାସ ଠାରେ ଦୁଇ ଓଡିଆ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗୀ ଶ୍ରୀୟଙ୍କା ଷଡଙ୍ଗୀ ଓ ଜୟନ୍ତୀ ବେହେରାଙ୍କୁ ନବୀନ ନିବାସ ଠାରେ ସମ୍ବର୍ଦ୍ଧିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଦୁଇ ବାଳିକା କ୍ରୀଡାବିତ୍‌ଙ୍କୁ ସେମାନଙ୍କର ସଫଳତା ପାଇଁ ଉଚ୍ଚପ୍ରଶଂସା କରି କହିଥିଲେ ଯେ ସେମାନେ ରାଜ୍ୟ ପାଇଁ ଗୌରବ ଆଣି ଅନ୍ୟ ଖେଳାଳୀ ମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛନ୍ତି। ସେମାନେ ସାରା ବିଶ୍ୱରେ ଓଡିଶା ପାଇଁ ଗୌରବ ଆଣିଛନ୍ତି ବୋଲି ପ୍ରକାଶ କରି, ଆଗାମୀ ଦିନରେ ଆହୁରି ସଫଳତା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀୟଙ୍କାଙ୍କୁ ୨ ଲକ୍ଷ ଟଙ୍କା ପୁରସ୍କାର ପ୍ରଦାନ କରିଥିବା ବେଳେ, ଜୟନ୍ତୀଙ୍କୁ ୧୫ ଲକ୍ଷ ଟଙ୍କା ପୁରସ୍କାର ଦେଇଥିଲେ।ସୂଚନାଯୋଗ୍ୟ ଯେ ଶ୍ରୀୟଙ୍କା ନିକଟରେ କାଇରୋ ଠାରେ ଅନୁଷ୍ଠିତ ଆଇଏସଏସଏଫ୍ ବିଶ୍ୱକପ୍ ସୁଟିଂ ପ୍ରତିଯୋଗୀତାରେ ୫୦ ମିଟର ରାଇଫଲ ୩ ପୋଜିସନ୍ ରେ ବ୍ରୋଞ୍ଜ ମେଡାଲ ପାଇଛନ୍ତି। ସେ ମଧ୍ୟ ବର୍ତ୍ତମାନ ଜାତୀୟ ସୁଟିଂ ଚାମ୍ପିଅନ ଭାବେ ସୁନାମ ଅର୍ଜନ କରିଛନ୍ତି। ସେହିପରି ଜୟନ୍ତୀ ବେହେରା ଦୁବାଇ ଠାରେ ଅନୁଷ୍ଠିତ ବିଶ୍ୱ ପାରା ଆଥଲେଟିକ୍‌ସ ପ୍ରତିଯୋଗୀତାରେ ୩ଟି ମେଡାଲ ହାସଲ କରିଛନ୍ତି। ୪୦୦ ଓ ୧୦୦ ମିଟର ପ୍ରତିଯୋଗୀତାରେ ସେ ବ୍ରୋଞ୍ଜ ପଦକ ପାଇଥିବା ବେଳେ, ୨୦୦ ମିଟର ପ୍ରତିଯୋଗୀତାରେ ରୌପ୍ୟ ପଦକ ପାଇଛନ୍ତି। ଉଭୟ କ୍ରୀଡାବିତ୍ ରାଜ୍ୟରେ କ୍ରୀଡା ଭିତିଭୂମି ଓ କ୍ରୀଡାବିତ୍ ମାନଙ୍କ ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଓ ପଦକ୍ଷେପର ଉଚ୍ଚପ୍ରଶଂସା କରିଥିଲେ। ଦୁଇ ଖେଳାଳି ମୁଖ୍ୟମନ୍ତ୍ରୀଙ୍କ ସହିତ ଖୁସିରେ ସେଲ୍‌ଫି ଉଠାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି କେ ପାଣ୍ଡିଆନ ଓ କ୍ରୀଡ଼ା ସଚିବ ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ।

# ଦୂତିଙ୍କ ଟିପ୍ପଣୀକୁ ନେଇ ଝଡ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଡବଲ୍ ଅଲିମ୍ପିଆନ୍ ଦୂତି ଚାନ୍ଦ ପୁଣି ଏକ ବିବାଦର କେନ୍ଦ୍ରକୁ ଧସେଇ ପଶିଛନ୍ତି। ଶୁକ୍ରବାର ଅପରାହ୍ନରେ ଦୂତି ନିଜ ଫେସ୍ ବୁକ୍ ଆକାଉଣ୍ଟରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ କଡା ସାମାଲୋଚନା କରି କେଇ ଧାଡି ଉଲ୍ଲେଖ କରିବା ପରେ ଏହାକୁ ହଟାଇ ଦେଇଥିଲେ। କିନ୍ତୁ ସେଇ କେଇ ଘଣ୍ଟା ଭିତରେ ତାଙ୍କ ପ୍ରତିକ୍ରିୟାର ସ୍କ୍ରିନ୍‌ସଟ୍ ଭାଇରାଲ୍ ହୋଇଯାଇଥିଲା। ଦୂତି ଏଥିରେ ଉଲ୍ଲେଖ କରିଥିଲେ, 'ଓଡିଶା ସରକାର ସାରା ରାଜ୍ୟରେ ଖେଳାଳିଙ୍କ ପାଇଁ କୋଟି କୋଟି ଟଙ୍କାର ଭିତ୍ତିଭୂମି ତିଆରି କରିବାରେ ବ୍ୟସ୍ତ କିନ୍ତୁ କ୍ରୀଡାବିତ୍‌ମାନେ ଦିନକୁ ଦିନ ହଜିଗଲେଣି। ଖାଲି ଯାହା ଖେଳକୁ ନେଇ ଏଠି ରାଜନୀତି ଚାଲିଛି। ଆପଣ ଖାଲି ସେଇ ହକି ଇଣ୍ଡିଆ ଦଳକୁ ନେଇ ନାଚୁଥା'ନ୍ତୁ। ବାକି ସବୁ ଖେଳ ଚୁଲିକୁ ଯାଉ।

ହକି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି କିନ୍ତୁ ଆଥ୍‌ଲେଟିକ୍ସ ପାଇଁ କିଛି ନାହିଁ। ଏ ହକି ବାଡି କେତେଦିନ ଲାଷ୍ଟିଙ୍ଗ କରିବ ପୁରୁଣା ହେଲେ ଆପେ ଆପେ ଫାଟିଯିବ। ଏସବୁ ପ୍ରହସନ'। ପୂର୍ବରୁ କରିଥିବା ଆଉ ଏକ ଫେସ୍ ବୁକ୍ ପୋଷ୍ଟରେ ଦୂତି ଲେଖିଥିଲେ, 'ସରକାର କ'ଣ କେବଳ ଏହି ଲୋକାଲ୍ ମିଟ୍‌ରେ ପଦକ ଜିତିବା ପାଇଁ କାମ କରୁଛନ୍ତି। ଏତେ ଟଙ୍କା ଖର୍ଚ୍ଚ କରି ଆଉ ଅନ୍ତର୍ଜାତୀୟ ଖେଳାଳି ସୃଷ୍ଟି କରିପାରୁନ। ଇଣ୍ଡିଆନ ଗ୍ରାଁ ପ୍ରିରେ କାଂସ୍ୟ ଜିତି ଲାଜ ମାଡୁନି। ସରକାରଙ୍କ ଅର୍ଥ ଖାଇ ଖୋଳ କରିଦେଲେଣି, ଗୋଟେ ଧନ୍ଦା ଚାଲିଛି ଏଠି'। ଏହା ପରେ ଦୂତିଙ୍କୁ ସମର୍ଥନ ଅପେକ୍ଷା ବିରୋଧ କରି ଅନେକ ବ୍ୟକ୍ତି ସାମାଜିକ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ। ଯାହାଠୁ ସୁବିଧା ସ ?ଯୋଗ ନିଅନ୍ତି ତାଙ୍କ ବିରୋଧରେ ଦୂତି ଅଭିଯୋଗ କରିବା ତାଙ୍କ ଅଭ୍ୟାସ। ସେ ପାଗଳିଟେ, ତାଙ୍କୁ କ୍ଷମା କରିଦିଅନ୍ତୁ। କ'ଣ ପଇସା କମିଗଲା କି ପୁଣି ଅଭିଯୋଗ କରୁଛ। ଅଭାବ ପଡିଲେ ବିଏମଡବ୍ଲ୍ୟୁ ବିକିଦିଅ। ଦୂତି ତୁମେ ଜାଣିନ ସରକାର ପରା କଳିଙ୍ଗ ଷ୍ଟାଡିୟମ୍‌ରେ ଏକ ଅନ୍ତର୍ଜାତୀୟ ସ୍ତରର ୨୦୦ ମିଟର୍ ଇନ୍‌ଡୋର୍ ଆଥ୍‌ଲେଟିକ୍ସ ଷ୍ଟାଡିୟମ୍ ନିର୍ମାଣ କରୁଛନ୍ତି। ଏଭଳି ଭିନ୍ନ ଭିନ୍ନ ମତ ପ୍ରକାଶ କରିଥିଲେ ଅନେକ।

# ଧୋନୀ ଅଧିନାୟକ ପଦ ଛାଡିବେ ବୋଲି ମୁଁ ୨୦୨୧ରୁ ଜାଣିଥିଲି : ଜାଡେଜା

ମୁମ୍ବାଇ: ସିଏସକେ ଗତ ଶନିବାର ଦିନ ଏକ ଭିଡିଓ ପୋଷ୍ଟ କରିଛି ଯେଉଁଥିରେ ସିଇଓ କାଶୀ ବିଶ୍ୱନାଥ ଧୋନୀଙ୍କ ସିଏସକେର ଅଧିନାୟକ ପଦ ଛାଡିବାର ନିଷ୍ପତ୍ତି ବିଷୟରେ କଥା ହେଉଛନ୍ତି। କାଶୀ ବିଶ୍ୱନାଥ କହିଛନ୍ତି ମହେନ୍ଦ୍ର ସିଂହ ଧୋନୀଙ୍କ ଅଚାନକ ଅଧିନାୟକ ପଦ ଛାଡିବା ନିଷ୍ପତ୍ତିରେ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। କିନ୍ତୁ ସେ କହିଛନ୍ତି ଯେ ମହାନ ୱିକେଟକିପର ଧୋନୀ ଯାହା ବି ନିଷ୍ପତ୍ତି ନିଅନ୍ତି ତାହା ଫ୍ରାଞ୍ଚାଇଜର ସର୍ବୋତ୍ତମ ହିତ ପାଇଁ ହୋଇଥାଏ। ସିଇଓ କାଶୀ ବିଶ୍ୱନାଥ କହିଛନ୍ତି, ମୁଁ ଯେତେବେଳେ ଧୋନୀ ଅଧିନାୟକ ପଦ ଛାଡୁଛନ୍ତି ଶୁଣିଲି ଆଶ୍ଚର୍ଯ୍ୟ ହୋଇ ଯାଇଥିଲି। ଏହି ସମୟରେ ମହେନ୍ଦ୍ର ସିଂହ ଧୋନୀ ଏହି ନିଷ୍ପତ୍ତି ନେବେ ବୋଲି ମୁଁ ଆଶା କରି ନଥିଲି। ଏହା ମୋ ବ୍ୟକ୍ତିଗତ ମନ୍ତବ୍ୟ। ସେ ସିଏସକେର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଖେଳାଳିଙ୍କ ମଧ୍ୟରୁ ଜଣେ। ମୋ ଅନୁସାରେ ସେ ଯାହା ବି କରିବେ, ଯାହା ବି ନିଷ୍ପତ୍ତି ନେବେ ତାହା ସିଏସକେ ପାଇଁ ସଠିକ୍ ନିଷ୍ପତ୍ତି ହେବ। କାରଣ ମୋତେ ଜଣା ଅଛି ତାଙ୍କ ପାଇଁ ସିଏସକେର ହିତ ସବୁଠୁ ଅଧିକ ମହତ୍ୱପୂର୍ଣ୍ଣ।

କାଶୀ ବିଶ୍ୱନାଥ ଆଗକୁ କହିଛନ୍ତି, ଯେତେବେଳେ ଆମେ ଅଭ୍ୟାସ ପାଇଁ ଯାଇଥିଲୁ, ସେତେବେଳେ ରବୀନ୍ଦ୍ର ଜାଡେଜାଙ୍କ ସହ କଥା ହୋଇଥିଲି। ରବୀନ୍ଦ୍ର ଜାଡେଜା ମୋତେ କହିଥିଲେ କି ଧୋନୀ ଗତ ଆଇପିଏଲରେ ହିଁ ସଙ୍କ ?ତ ଦେଇଥିଲେ ତାଙ୍କୁ ଅଧିକ ଦାୟିତ୍ୱ ଗ୍ରହଣ କରିବାକୁ ପଡିବ। ସେ ଏହା ବି ସଙ୍କ ?ତ ଦେଇଥିଲେ ଯେ ଗୋଟିଏ ସମୟରେ ତାଙ୍କୁ ଅଧିନାୟକ ପଦ ସମ୍ଭାଳିବାକୁ ପଡିପାରେ।

# ଆଇପିଏଲ୍‌ରେ ଭାଷ୍ୟକାର ମାଲାମାଲ୍




ମୁମ୍ବାଇ: ଆଇପିଏଲ୍ ଖେଳ ଇତିମଧ୍ୟରେ ଆରମ୍ଭ ହୋଇଯାଇଛି। ୨୦୨୨ ମସିହାର ସଂସ୍କରଣରେ ଭାଷ୍ୟକାର ଦାୟିତ୍ୱ ତୁଲାଇବାକୁ ଯାଉଥିବା ବ୍ୟକ୍ତିମାନେ ମୋଟା ଅଙ୍କର ପାଉଣା ପାଇ ମାଲାମାଲ୍ ହେବେ। ବିଶେଷକରି ହିନ୍ଦୀ ପ୍ୟାନେଲ ଅମ୍ପାୟାରଙ୍କ ଭତ୍ତା ୮୦,୦୦୦ରୁ ସାଢ଼େ ୩ ଲକ୍ଷ ଡଲାର ରହିଥିଲା ବେଳେ ଇଂଲିସ୍ ପ୍ୟାନେଲ ଅମ୍ପାୟାରଙ୍କ ଭତ୍ତା ଅଢ଼େଇ ଲକ୍ଷ୍ୟରୁ ୫ ଲକ୍ଷ ଡଲାର ରଖାଯାଇଛି। ସେହିପରି ଡଗଆଉଟ୍ ପ୍ୟାନେଲ ଅମ୍ପାୟାରଙ୍କ ପାଉଣା ୫ ଲକ୍ଷରୁ ୭ ଲକ୍ଷ ଡଲାର ରହିଛି। ଇଂଲିସ୍ ତାଲିକାରେ ଜଣାଶୁଣା ମୁହଁ ହର୍ଷ ଭୋଗଲେ, କିମ୍ବଦନ୍ତୀ ବ୍ୟାଟର୍ ସୁନିଲ ଗାଭାସ୍କର ଅଧିକ ରାଶି ପାଇବେ। ହିନ୍ଦୀ ତାଲିକାରେ ଏଥର ଭାରତୀୟ ଦଳର ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଏବଂ ଚେନ୍ନାଇ ସୁପର୍ କିଙ୍ଗ୍‌ସରୁ ବିତାଡିତ ସୁରେଶ ରାଇନାଙ୍କୁ ସାମିଲ କରାଯାଇଛି। ଇଂଲିସ୍‌ରେ ଅନ୍ୟମାନଙ୍କ ମଧ୍ୟରେ ଭିଭିଏସ୍ ଲକ୍ଷ୍ମଣ, ଶିବରାମକ୍ରିଷ୍ଣନ, ମୁରଲୀ କାର୍ତ୍ତିକ, ଦୀପ ଦାସଗୁପ୍ତା, ଅଞ୍ଜୁମ ଚୋପ୍ରା, ଇଆନ୍ ବିଶପ, ଆଲାନ ୱିଲକିନ୍ସ, ପମି ବାଙ୍ଗ୍ୱା, ନିକ୍ ନାଇଟ୍, ଡାନି ମୋରିସନ୍, ସାଇମନ୍ ଡଲ୍, ମାଥ୍ୟୁ ହେଡେନ୍, କେଭିନ୍ ପିଟରସନ୍ ରହିଛନ୍ତି। ହିନ୍ଦୀ ତାଲିକାରେ ମଧ ଆକାଶ ଚୋପ୍ରା, ଇରଫାନ୍ ପଠାନ, ଗୌତମ ଗମ୍ଭୀର, ପାର୍ଥିବ ପଟେଲ୍, ନିଖିଲ ଚୋପ୍ରା, କିରଣ ମୋରେ, ଯତିନ ସାପ୍ରୁ, ସୁରେନ ସୁନ୍ଦରମ ରହିଛନ୍ତି। ଏହା ଛଡା ବେଙ୍ଗଲି, ତାମିଲ, କନ୍ନଡ, ତେଲଗୁ, ମାଲୟାଲମ୍ ଭାଷା ପାଇଁ ମଧ ତାଲିକା ପ୍ରକାଶ ପାଇଛି।

## ସିନେମା
ଓଡ଼ିଶା ସନ୍ଦେଶ

# 'ମହା' ଅର୍ଦ୍ଧ ଶତକ ଅପେକ୍ଷାରେ ଅଭିନେତ୍ରୀ ହଂସିକା ମୋତୱାନୀ



ଏକ ଦଶନ୍ଧିରୁ ଅଧିକ ସମୟ ହେଲା କଲିଉଡ୍ ଚଳଚ୍ଚିତ୍ର ଶିଳ୍ପରେ ସକ୍ରିୟ ଥିବା ଅଭିନେତ୍ରୀ ହଂସିକା ମୋତୱାନୀ ନିଜ ଅଭିନୟ କ୍ୟାରିୟର୍‌ରେ ଏକ ନୂଆ ଉପଲବ୍ଧି ହାସଲ କରିବାକୁ ଯାଉଛନ୍ତି। ଆସନ୍ତା ଏପ୍ରିଲ୍ ୨୮ରେ ତାଙ୍କର ୫୦ତମ ଚଳଚ୍ଚିତ୍ର 'ମହା' ମୁକ୍ତିଲାଭ କରିବାକୁ ଯାଉଛି। ପ୍ରକୃତରେ ଏହି ରୋମାଞ୍ଚଧର୍ମୀ ଚଳଚ୍ଚିତ୍ରଟି ବହୁ ପୂର୍ବରୁ ରିଲିଜ୍ ହେବାର ଥିଲା। କିନ୍ତୁ ଚଳଚ୍ଚିତ୍ର ନିର୍ମାତା ଟିମ୍‌ର ଆଭ୍ୟନ୍ତରୀଣ ସମସ୍ୟା ଯୋଗୁଁ ମୁକ୍ତିଲାଭ ତାରିଖ ବିଳମ୍ବିତ ହୋଇଥିଲା। ତେବେ ଶେଷରେ ଏହା ବଡ଼ ପରଦାରେ ଲୋକଲୋଚନକୁ ଆସିବା ଲାଗି ପ୍ରସ୍ତୁତ ହୋଇଥିବାରୁ ହଂସିକାଙ୍କ ପ୍ରଶଂସକଙ୍କ ଉତ୍କଣ୍ଠା ବୃଦ୍ଧି ପାଇଛି। ପଚାଶତମ ଚଳଚ୍ଚିତ୍ର ନେଇ ହଂସିକା ମଧ ଅତ୍ୟନ୍ତ ଉତ୍ସାହିତ। ଏହି ତାମିଲ ଚଳଚ୍ଚିତ୍ରରେ ହଂସିକା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ତାଙ୍କ ବିପକ୍ଷରେ ତାମିଲ ସୁପରଷ୍ଟାର୍ ସିମ୍ବୁ ଦେଖାଦେବେ। ଏହା ୟୁଆର୍ ଜାମିଲଙ୍କର ନିର୍ଦ୍ଦେଶିତ ପ୍ରଥମ ଚଳଚ୍ଚିତ୍ର। ହଂସିକା ଏକ ଶିଶୁ କଳାକାର ଭାବେ ଅଭିନୟ ଜଗତରେ ପାଦ ଦେଇଥିଲେ। ୨୦୧୧ ମସିହାର ଆକ୍ସନ୍-କମେଡି ସିନେମା 'ମାପ୍ପିଲାଇ' ଜରିଆରେ ତାମିଲ ସିନେମା ଶିଳ୍ପରେ ପ୍ରବେଶ କରିବା ପରେ ଅଳ୍ପ ସମୟରେ କଲିଉଡ୍‌ର ଅଗ୍ରଣୀ ଅଭିନେତ୍ରୀ ହୋଇ ପାରିଥିଲେ। ଏକ ମାଲୟାଲମ ଚଳଚ୍ଚିତ୍ର- 'ଭିଲେନ୍'ରେ ମଧ ସେ ନିଜ ଅଭିନୟର ଜାଦୁ ଦେଖାଇଥିଲେ। ତେବେ ସଂପ୍ରତି ସେ ତାଙ୍କର ୫୫ତମ ଚଳଚ୍ଚିତ୍ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତା ସହିତ ତେଲୁଗୁ ୱେବ୍ ଧାରାବାହିକ 'ନଶା' ପାଇଁ ସମୟ ଦେଉଛନ୍ତି।

# ସୋସିଆଲବ୍ ମିଡିଆରେ ସୋନାକ୍ଷୀଙ୍କୁ ନେଇ ଚର୍ଚ୍ଚା



କିଛିଦିନ ତଳେ ସୋସିଆଲ୍ ମିଡିଆରେ ସୋନାକ୍ଷୀଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ସେ କୁଆଡେ ଦବଙ୍ଗ୍‌ବୟ ସଲ୍‌ମାନ୍‌ଙ୍କୁ ଜୀବନସାଥୀ କରିବେ ବୋଲି ଜିଦ୍ ଧରି ବସିଥିଲେ। ଏଥିରେ ସୋନାକ୍ଷୀଙ୍କ ବାପା ଶତ୍ରୁଘ୍ନ ସିହ୍ନା ଝିଅ ଉପରେ ବେଶ୍ କ୍ଷୁବ୍ଧ ହେଇଥିଲେ। ଅବଶ୍ୟ ଏଥିରେ କେତେ ସତ୍ୟତା ଅଛି ତାହା ସାଧାରଣ ଲୋକଙ୍କୁ ଜଣାନାହିଁ। ନିକଟରେ ସୋନାକ୍ଷୀ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କ ନାଁରେ ଜଣେ ବ୍ୟକ୍ତି ପୋଲିସ୍ ପାଖରେ ଦୁଇଟି ଅପରାଧିକ ମାମଲା ଦାୟର କରିଛନ୍ତି। ଶୁଣାଯାଉଥିଲା ଏହି ମାମଲାରେ ସୋନାକ୍ଷୀଙ୍କ ପାଖକୁ ଏକ ନନ୍‌ବେଲେବଲ୍ ୱାରେଣ୍ଟ୍ ଆସିଛି। ଏହାକୁ କିନ୍ତୁ ସୋନାକ୍ଷୀ ଖଣ୍ଡନ କରି କହିଛନ୍ତି- ଯେଉଁ ବ୍ୟକ୍ତି ତାଙ୍କ ନାଁରେ ଏଭଳି ଅଭିଯୋଗ କରିଛନ୍ତି ତାହା ଭିତ୍ତିହୀନ, ଏଭଳି ଅଭିଯୋଗ ସେ କେବଳ ନିଜର ପ୍ରଚାର ପ୍ରସାର ଏବଂ କିଛି ଟଙ୍କା ହାତେଇବା ଆଶାରେ କରିଛନ୍ତି। ତାଙ୍କ ନାମରେ ଏଭଳି ମାମଲା ୨୦୧୯ରେ ରୁଜୁ ହେଇଥିଲା। ସୋନାକ୍ଷୀ ଦିଲ୍ଲୀରେ ଏକ କାର୍ଯ୍ୟକ୍ରମରେ ତାରକା ଅତିଥି ଭାବେ ଯୋଗଦେବାର ଥିଲା। ଏଥିପାଇଁ ସେ ସହମତି ପ୍ରକାଶ କରିବା ସହ ପାଖାପାଖି ୩୭ ଲକ୍ଷ ଟଙ୍କା ମଧ ଅଗ୍ରୀମ ନେଇଥିଲେ। କାର୍ଯ୍ୟକ୍ରମର ଆୟୋଜକ ଏଭଳି ଅଭିଯୋଗ କରିଥିଲେ ମଧ ଏହାର ଜବାବରେ ସୋନାକ୍ଷୀ କହିଛନ୍ତି- ଉକ୍ତ ଆୟୋଜକ ମୋତେ ସେତିକି ପରିମାଣର ଟଙ୍କା ଦେଇଛନ୍ତି କି ନାହିଁ ଏହାର ଅନୁସନ୍ଧାନ ନ କରି ମୋ ସମ୍ପର୍କରେ ଗଣମାଧ୍ୟମ ଜରିଆରେ ଏଭଳି ଗୁଜବ ପ୍ରଚାର କରାଯାଉଛି। ମୁଁ ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅନୁରୋଧ କରୁଛି ସେମାନେ ଏହାର ସତ୍ୟାସତ୍ୟ ତର୍ଜମା କରି ଏ ସମ୍ପର୍କିତ ଖବର ପ୍ରକାଶ କରନ୍ତୁ। ଦୟାକରି ମୋ ପ୍ରତି ଏଭଳି ଲଜ୍ଜାଜନକ ବିବରଣୀ ପ୍ରକାଶ କରନ୍ତୁନାହିଁ। ଏହି ଅଭିଯୋଗ ମୁରାଦାବାଦ କୋର୍ଟରେ ପହଞ୍ଚିବା ପରେ ଆଲାହାବାଦ ହାଇକୋର୍ଟ ଏହା ଉପରେ ରହିତାଦେଶ ଜାରିକରିଛନ୍ତି। ମୋର ଆଇନ ପରାମର୍ଶଦାତାମାନେ ଏ ବାବଦରେ ଖୁବ୍ ଶୀଘ୍ର ଆବଶ୍ୟକ ପଦକ୍ଷେପ ନେବେ। ମୁଁ ମୋ ଘରେ ମୁକ୍ତ ଭାବରେ ରହିଛି, ମୋ ପାଖକୁ ବିଚାରାଳୟରୁ କୌଣସି ୱାରେଣ୍ଟ୍ ଆସିନାହିଁ। ୨୦୧୯ରେ ମୁରାଦାବାଦ କୋର୍ଟରୁ ଡାକରା ଆସିବା ପରେ ସୋନାକ୍ଷୀ ହାଜର ହେଇଥିଲେ। ତାଙ୍କ ନାମରେ ଧାରା-୪୨୦ (ଠକେଇ) ଓ ଧାରା ୪୦୬ (ବିଶ୍ୱାସ ଘାତକତା) ଦୁଇଟି ମାମଲା ରୁଜୁ ହେଇଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ପ୍ରଧାନମନ୍ତ୍ରୀଙ୍କ 'ମନ୍‌କୀ ବାତ୍'...

ତାଙ୍କର ପ୍ରତିବଦ୍ଧତା ଖୁବ୍ ହୃଦୟଗ୍ରାହୀ। ସେ ଗୋଦାବରୀ ନଦୀକୂଳରେ ଠିଆ ହୋଇ ନଦୀକୁ ଆବର୍ଜନା ନ ଫିଙ୍ଗିବା ପାଇଁ ବରାବର କହନ୍ତି। ଯଦି କେହି ଆବର୍ଜନା ଫିଙ୍ଗୁଥିବା ଦେଖନ୍ତି, ସେ ତତ୍‌କ୍ଷଣାତ୍ ତାଙ୍କୁ ବାଧା ଦିଅନ୍ତି। ଏଥିପାଇଁ ସେ ଅନେକ ସମୟ ଦେଉଛନ୍ତି। ସନ୍ଧ୍ୟା ବେଳକୁ ତାଙ୍କ ପାଖରେ ଜମା ହୋଇଥାଏ ଲୋକେ ନଈକୁ ଫିଙ୍ଗିବାକୁ ଆଣିଥିବା ଆବର୍ଜନା ଗଦା। ପ୍ରଧାନମନ୍ତ୍ରୀ କହିଛନ୍ତି, ସେ ପୁରୀର ରାହୁଲ୍ ହୁଅନ୍ତୁ କି, ନାସିକର ଚନ୍ଦ୍ରକିଶୋର ହୁଅନ୍ତୁ, ସେମାନେ ଆମକୁ ବହୁତ କିଛି ଶିକ୍ଷା ଦେଉଛନ୍ତି। ସେ ପରିଚ୍ଛନ୍ନତା ହେଉ, ପୋଷକତତ୍ତ୍ୱ ହେଉ କି, ଟିକାକରଣ କ୍ଷେତ୍ରରେ ହେଉ ଜଣେ ନାଗରିକ ଭାବେ ଆମେ ଏ ଦିଗରେ ଆମର କର୍ତ୍ତବ୍ୟ କରିବା ଉଚିତ। ଏ ସବୁ ଉଦ୍ୟମ ଆମକୁ ସୁସ୍ଥ ରହିବାରେ ସହାୟକ ହୁଏ।

### ପୌର ନିର୍ବାଚନରେ ବିଜେଡିର...

ଅଥବା ସ୍ୱାଧୀନ ପ୍ରାର୍ଥୀ ପୌରାଧ୍ୟକ୍ଷ ପଦବୀରେ ବିଜୟୀ ହୋଇଛନ୍ତି।

ଅନୁଗୁଳର ୩ ପୌରାଞ୍ଚଳରୁ ୩ ଟି ଯାକ ବିଜେଡି ହାତକୁ ଯାଇଛି। ସେହିପରି ବାଲେଶ୍ୱରର ୫ ଟି ଆସନରୁ ୪ ଟି ବିଜେଡି ଏବଂ ଗୋଟିଏ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ବରଗଡ ଜିଲ୍ଲାର ୪ ଟି ଆସନରୁ ୩ଟି ବିଜେଡି ଓ ଗୋଟିଏ ସ୍ୱାଧୀନ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଭଦ୍ରକର ୪ ଟି ପୌରାଞ୍ଚଳ ଆସନ ମଧ୍ୟରୁ ୩ ଟିର ଫଳାଫଳ ଆସିଛି। ସେଥିରୁ ୨ ଟି ରେ ବିଜେଡି କବଜା କରିଥିବା ବେଳେ ଗୋଟିଏ ସ୍ୱାଧୀନ ହାତକୁ ଯାଇଛି। ବଲାଙ୍ଗୀର ଜିଲ୍ଲାର ୫ ଟି ଆସନରୁ ୩ ଟିରେ ବିଜେଡି ପ୍ରାର୍ଥୀ ବିଜୟ ଲାଭ କରିଥିବା ବେଳେ ବିଜେପି ଓ କଂଗ୍ରେସ ହାତକୁ ଗୋଟିଏ ଲେଖାଏଁ ଆସନ ଯାଇଛି। ବୌଦ୍ଧ ଜିଲ୍ଲାର ଏକମାତ୍ର ପୌରାଧ୍ୟକ୍ଷ ବିଜେଡି ସପକ୍ଷରେ ଯାଇଛି। କଟକର ମଧ୍ୟ ସମସ୍ତ ପୌରାଂଚଳ ପଦବୀ ବିଜେଡି ଖାତାକୁ ଯାଇଛି। ଦେବଗଡର ଏକମାତ୍ର ପୌରାଧ୍ୟକ୍ଷ ପଦବୀ ବିଜେଡି ହାତରେ ରହିଛି। ଗଂଜାମ ଜିଲ୍ଲାରେ ମୋଟ ୧୮ଟି ପୌରାଂଚଳ ରହିଥିବା ବେଳେ ୧୨ ଟି ଅଧ୍ୟକ୍ଷ ପଦ ବିଜେଡି ହାତକୁ ଯାଇଛି। ସେହିପରି ୩ ଟି ବିଜେପି , କଂଗ୍ରେସ ଓ ସ୍ୱାଧୀନ ଗୋଟିଏ ଗୋଟିଏ ଆସନରେ ବିଜୟୀ ହୋଇଛନ୍ତି। ଗଜପତି ଜିଲ୍ଲାର ୨ ଟି ପୌରାଂଚଳର ଅଧ୍ୟକ୍ଷ ପଦ ବିଜେଡି ସମକ୍ଷରେ ଯାଇଛି। ଜଗତସିଂହପୁରର ୨ ଟି ପୌରାଧ୍ୟକ୍ଷ ଆସନ ମଧ୍ୟରୁ ଗୋଟିଏ କଂଗ୍ରେସ ଓ ଗୋଟିଏ ବିଜେଡି ହାତକୁ ଯାଇଛି। ଯାଜପୁର ଜିଲ୍ଲାର ଦୁଇଟି ଯାକ ପୌରାଧ୍ୟକ୍ଷ ଆସନ ବିଜେଡି ସପକ୍ଷରେ ଯାଇଛି। ଝାରସୁଗୁଡା ଜିଲ୍ଲାର ଦୁଇଟି ଆସନ ମଧ୍ୟରୁ ବିଜେଡି ଓ କଂଗ୍ରେସ ଗୋଟିଏ ଗୋଟିଏରେ ବିଜୟୀ ହୋଇଛନ୍ତି। ସେହିପରି କଳାହାଣ୍ଡିର ୪ ଟି ପୌରାଂଚଳ ଅଧ୍ୟକ୍ଷ ପଦରୁ ବିଜେଡି ଓ ବିଜେପି ୨ ଟି ଲେଖାଏଁ ଆସନ ହାତେଇଛନ୍ତି। କନ୍ଧମାଳ ଜିଲ୍ଲାର ୩ ଟି ପୌରାଧ୍ୟକ୍ଷ ଆସନରୁ ୨ ଟି ବିଜେଡି ଓ ଗୋଟିଏ ବିଜେପି ହାତକୁ ଯାଇଛି। କେନ୍ଦ୍ରାପଡାର ୨ ଟି ଯାକ ଆସନ ବିଜେଡି ବିଜୟ ହାସଲ କରିଛନ୍ତି। କେନ୍ଦୁଝରର ୫ ଟି ଆସନରୁ ୪ ଟି ବିଜେଡି ଗୋଟିଏ ବିଜେପି ହାତକୁ ଯାଇଛି। ଖୋର୍ଦ୍ଧାର ସମସ୍ତ ୫ ଟି ଆସନ ବିଜେଡି ଖାତାକୁ ଯାଇଛି। କୋରାପୁଟ ଜିଲ୍ଲାର ୪ ଟି ଆସନରୁ ଗୋଟିଏ ବିଜେଡି , ୨ ଟା କଂଗ୍ରେସ ଓ ଗୋଟିଏରେ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ମାଲକାନଗିରିର ୨ ଟି ଆସନରୁ ବିଜେଡି ଓ ବିଜେପି ଗୋଟିଏ ଲେଖାଏଁ ଆସନ ପାଇଛନ୍ତି। ମୟୁରଭଂଜର ୪ ଟି ଆସନରୁ ବିଜେଡି ୩ ଟି ଓ ଗୋଟିଏରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି । ନବରଙ୍ଗପୁରର ୨ ଟି ପୌରାଂଚଳ ଅଧ୍ୟକ୍ଷ ପଦରୁ ଗୋଟିଏ ବିଜେଡି ଓ ଗୋଟିଏ ବିଜେପି ହାତକୁ ଯାଇଛି। ନୟାଗଡର ୪ ଟି ପୌରାଧ୍ୟକ୍ଷ ପଦବୀରୁ ୨ ଟି ବିଜେଡି ଓ ୨ ଟି ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ନୂଆପଡାରେ ୩ ଟି ପୌରାଧ୍ୟକ୍ଷ ପଦରୁ ଗୋଟିଏ ବିଜେପି , ଗୋଟିଏ କଂଗ୍ରେସ ଓ ଗୋଟିଏ ସ୍ୱାଧୀନ ଆହତକୁ ଯାଇଛି। ପୁରୀରେ ୩ଟି ଯାକ ଆସନରେ ବିଜେଡି ବାଜିମାତ୍ କରିଛି। ରାୟଗଡା ଜିଲ୍ଲାର ୩ଟି ଆସନରୁ ୨ ଟି ବିଜେଡି ଓ ଗୋଟିଏ ସ୍ୱାଧୀନ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସମ୍ବଲପୁରର ୨ ଟି ଆସନରୁ ବିଜେଡି ଓ ବିଜେପି ଗୋଟିଏ ଲେଖାଏଁ ଆସନ ଅକ୍ତିଆର କରିଛନ୍ତି। ସୁବର୍ଣ୍ଣପୁର ର ୩ ଟି ଯାକ ଆସନ ବିଜେଡି କାତାକୁ ଯାଇଛି। ସୁନ୍ଦରଗଡ ଜିଲ୍ଲାର ୩ ଟି ପୌରାଂଚଳ ଅଧ୍ୟକ୍ଷ ପଦବୀରୁ ୨ଟା ବିଜେଡି ଓ ଗୋଟିଏରେ ବିଜେପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

### ନାଲକୋକୁ ସମ୍ମାନ...

''ଏହି ପୁରସ୍କାରଟି,ନାଲକୋ ଦ୍ୱାରା ଅନୁସରଣ କରାଯାଇଥିବା ଉଚ୍ଚମାନର ପରିବେଶ, ସାମାଜିକ ଏବଂ ସୁଶାସନ ରଣନୀତିରସ୍ୱୀକୃତି ଅଟେ । ନାଲକୋର ସମସ୍ତ କର୍ମଚାରୀମାନଙ୍କର କଠିନ ପରିଶ୍ରମ ଏବଂ ଉତ୍ସର୍ଗୀକୃତ ମନୋଭାବର ଏହା ଏକ ମହତ୍ୱପୂର୍ଣ୍ଣ ନିଦର୍ଶନ ଯାହା କମ୍ପାନୀପାଇଁ ଏହି ପୁରସ୍କାର ପ୍ରାପ୍ତିରେ ସହାୟକ ହୋଇଛି" ବୋଲି ଶ୍ରୀ ପାତ୍ର ମତ ପ୍ରକାଶ କରିଛନ୍ତି । ଆର୍ଥିକ, ସାମାଜିକ, ପରିବେଶ ଏବଂ ଶକ୍ତି ସମ୍ବନ୍ଧୀୟ ପ୍ରସଙ୍ଗ ଉପରେ ନିର୍ଦ୍ଦିଷ୍ଟ ଧ୍ୟାନ ପ୍ରଦାନ କରି,ନିରନ୍ତର ବିକାଶ ହାସଲ କରିବା ନାଲକୋର ବ୍ୟବସାୟର ଏକ ଅବିଚ୍ଛେଦ୍ୟ ଅଙ୍ଗ । କମ୍ପାନୀର କାର୍ଯ୍ୟଶୈଳୀ ତଥା ନିୟମାବଳୀ ଏବଂ କାର୍ଯ୍ୟସଂସ୍କୃତିରେ କ୍ରମାଗତ ଉନ୍ନତି ଏହାର ସମସ୍ତ ଅଂଶ ଧାରକମାନଙ୍କ ସନ୍ତୁଷ୍ଟିବୃଦ୍ଧିରେ ସହାୟକ ହେଉଅଛି । ଉଲ୍ଲେଖଯୋଗ୍ୟ ଯେ, ଭାରତ ସରକାରଙ୍କ ଖଣି ବିଭାଗ ନାଲକୋର ଉତ୍କର୍ଷ ଖଣି କାର୍ଯ୍ୟ ପାଇଁ ୫-ଷ୍ଟାର୍ ରେଟିଂ ପ୍ରଦାନ କରିଛନ୍ତି ।

ଇନଷ୍ଟିଚ୍ୟୁଟ୍ ଅଫ୍ ଡାଇରେକ୍ଟର୍ସ (ଓଡଂଓ) ଦ୍ୱାରା ପ୍ରତିଷ୍ଠିତ ଏହି ଗୋଲଡେନ୍ ପିକକ୍ ପୁରସ୍କାର, କର୍ପୋରେଟ୍ ଉତ୍କର୍ଷତାକ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ୱୀକୃତି ଅଟେ।

### ଲର୍ଣ୍ଣିଂ ଟ୍ରି ଏକାଡେମୀ ...

କ୍ଲବରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ପ୍ରତିଷ୍ଠା କରିଥିବାରୁ ପ୍ରତିଷ୍ଠାତା ସେକ୍ ଅବଦୁଲ୍ ଅଜିମ୍ ଏବଂ ତାଙ୍କର ସହଯୋଗୀମାନଙ୍କୁ ଶ୍ରୀ ମହାପାତ୍ର ସାଧୁବାଦ ଜଣାଇଥିଲେ। ଆଠଗଡର ଉପ ଜିଲ୍ଲାପାଳ ହେମନ୍ତ କୁମାର ସ୍ୱାଇଁ ଉଦଘାଟନୀ ସଭାରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ତିଗିରିଆ ବ୍ଲକରେ ଏହି ଅନୁଷ୍ଠାନ ଇଂରାଜୀ ମାଧ୍ୟମ ଶିକ୍ଷା ପ୍ରଦାନରେ ଏକ ବିଶେଷ ଭୂମିକା ନେବ ବୋଲି ଆଶା ପ୍ରକାଶ କରିଥିଲେ। ଏକାଡେମୀର ପ୍ରତିଷ୍ଠାତା ସେକ୍ ଅବଦୁଲ୍ ଅଜିମ୍ ସ୍ୱାଗତ ଅବିଭାଷଣ ଦେବା ସହ କହିଥିଲେ ଯେ ବର୍ତ୍ତମାନ ବିଦ୍ୟାଳୟରେ ନର୍ସରୀରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ହେଉଛି। ପ୍ରତି ଶ୍ରେଣୀରେ ୪୦ ଜଣ ଛାତ୍ରଛାତ୍ରଙ୍କର ନାମ ଲେଖାଯିବ। ବିଦ୍ୟାଳୟର ୯ଟି ଶ୍ରେଣୀରେ ପ୍ରାୟ ୩୬୦ ଜଣ ଛାତ୍ରଛାତ୍ରୀ ସି.ବି.ଏସ୍.ଇ. ପାଠ୍ରକ୍ରମ ଅନୁସାରେ ଶିକ୍ଷା ଗ୍ରହଣ କରିବେ। ଅନ୍ୟତମ ଅତିଥିଭାବେ ଭୂତତ୍ତ୍ୱବିତ ସୁରେନ୍ଦ୍ର ନାଥ ଦଳାଇ ବିଦ୍ୟାଳୟର ବିଶେଷତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ଥାନୀୟ ଅଂଚଳର ଶିକ୍ଷାବିତ୍, ଶିକ୍ଷାପ୍ରେମୀ ବ୍ୟକ୍ତିବିଶେଷ, ବିଦ୍ୟାଳୟରେ ନାମ ଲେଖାଇଥିବା ବା ଲେଖାଇବାକୁ ଥିବା ଅବିଭାବକ, ଶିକ୍ଷକ ଶିକ୍ଷୟତ୍ରୀ ଏବଂ ନେତୃସ୍ଥାନୀୟ ବ୍ୟକ୍ତିମାନେ ଏହି ଉଦଘାଟନୀ ସଭାରେ ଯୋଗଦେଇଥିଲେ।

### ବିଜେଡି ଦଖଲରେ...

ସେହିପରି କଂଗ୍ରେସ ପ୍ରାର୍ଥିନୀ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ୧୧୦୦୬ ଖଣ୍ଡ ଭୋଟ ମିଳିଛି। ସେହିପରି ବିଜେଡିର ଅଧିକାଂଶ କର୍ପୋରେଟର ପ୍ରାର୍ଥୀ ବିଜୟୀ ହୋଇଛନ୍ତି ।ଅପରପକ୍ଷରେ କଟକ ମହାନଗର ନିଗମରେ ବିଜେଡିର ମେୟର ପ୍ରାର୍ଥୀ ସୁବାସ ସିଂ ବିଜୟୀ ହୋଇଛନ୍ତି ।ସୁବାସ କଂଗ୍ରେସ ର ମେୟର ପ୍ରାର୍ଥୀନୀ ଗିରିବାଳା ବେହେରାଙ୍କୁ ୫୪,୬୧୩ ଖଣ୍ଡ ଭୋଟ୍ ରେ ପରାସ୍ତ କରିଛନ୍ତି। ସୁବାସଙ୍କୁ ୧,୧୬,୦୭୫ ଖଣ୍ଡ ଭୋଟ୍ ମିଳିଛି। ସେହିପରି କଂଗ୍ରେସର ଗିରିବାଳା ବେହେରାଙ୍କୁ ୬୧,୪୬୨ ଖଣ୍ଡ ଓ ବିଜେପି ର ଶ୍ରୀତମ ଦାସଙ୍କୁ ୪୨,୧୮୬ ଖଣ୍ଡ ଭୋଟ୍ ମିଳିଛି।

# ନବୀନ ନିବାସରୁ ଚାଲି ଚାଲି ଯାଇ ଭୋଟ ଦେଲେ ମୁଖ୍ୟମନ୍ତ୍ରୀ








ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟରେ ପୌର ନିର୍ବାଚନ ପାଇଁ ମତଦାନ ଜାରି ରହିଛି । ବହୁ ନେତା ଓ ବଡ ବଡ ଅଧିକାରୀମାନେ ବୁଥ୍ ଗୁଡିକୁ ଯାଇ ଭୋଟ ଦେଉଛନ୍ତି । ଏହାରି ଭିତରେ ଗଣତନ୍ତ୍ର ମହାନପର୍ବରେ ସାମିଲ ହୋଇ ଭୋଟ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ବିଏମ୍‌ସିର ୫୩ ନଂ ୱାର୍ଡରେ ଭୋଟ୍ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ଚାଲି ଚାଲି ଏରୋଡ୍ରମ୍ ୟୁପି ସ୍କୁଲରେ ହୋଇଥିବା ବୁଥରେ ପହଞ୍ଚି ନିଜର ମତଦାନ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଭୋଟଦାନ ପାଇଁ ଭୋଟ୍ କେନ୍ଦ୍ରରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ତେବେ ଉକ୍ତଦିନ ୮ଟାରୁ ପୌର ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଛି, ଯାହାକି ସନ୍ଧ୍ୟା ୫ଟା ଯାଏଁ ଚାଲିବ । ୩ଟି ମହାନଗର ନିଗମ, ୧୦୬ଟି ପୌର ପରିଷଦ ପାଇଁ ଚାଲିଛି ମତଦାନ । ୪୭ଟି ମ୍ୟୁନିସପାଲିଟି, ୫୯ ଏନଏସି ପାଇଁ ମତଦାନ ଚାଲିଛି ।



# ଆସନ୍ତା କିଛି ବର୍ଷ ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲାକୁ ରେଳପଥ ସଂଯୋଗୀକରଣ କରିବେ ରାଜ୍ୟ ସରକାର: ରାଜ୍ୟପାଳ





ବିଧାନସଭା ବଜେଟ ଅଧିବେଶନରେ ରାଜ୍ୟପାଳଙ୍କ ଅଭିଭାଷଣ

ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ରାଜ୍ୟ ସରକାର ଅଗ୍ରାଧିକାର ଭିତିରେ ଅତ୍ୟାବଶ୍ୟକୀୟ ସୁବିଧା ଯୋଗାଇ ଦେବା ସହ ଜୀବନ ଜୀବିକା ସୁଯୋଗ ସୃଷ୍ଟି କରିବା, ଯୋଗାଯୋଗ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, କୃଷି ପାଇଁ ଜଳସେଚନ, ଶିକ୍ଷା କ୍ଷେତ୍ରକୁ ଉନ୍ନତିର ପରବର୍ତ୍ତୀ ପର୍ଯ୍ୟାୟକୁ ନେଉଛନ୍ତି । ପ୍ରତ୍ୟେକ ଅଞ୍ଚଳର ବିକାଶ ତଥା ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କର ସଶକ୍ତିକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରେ ରାଜ୍ୟପାଳ ତାଙ୍କର ଅଭିଭାଷଣରେ ଏହା କହିଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ଆସନ୍ତା କିଛି ବର୍ଷ ମଧ୍ୟରେ ରାଜ୍ୟର ୩୦ଟି ଜିଲ୍ଲାକୁ ରେଳପଥ ସଂଯୋଗୀକରଣ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି । ଏଥି ପାଇଁ ରାଜ୍ୟ ସରକାର ରେଳବାଇକୁ ସହଯୋଗ ଦେଉଛନ୍ତି ତଥା ରେଳବାଇ ଓ ଅନ୍ୟ ମନ୍ତ୍ରଣାଳୟ ସହ ମିଶି ମିଳିତ ଉଦ୍ୟୋଗ ବା ଏସପିଭି ନିର୍ମାଣ ପାଇଁ ଏକାଧିକ ପଦକ୍ଷେପ ଗ୍ରହଣ କରା ଯାଉଛି ।

# ବାଣପୁର ଘଟଣା ଧର୍ମେନ୍ଦ୍ର- ପ୍ରଣବ ଟ୍ୱିଟ୍ ଯୁଦ୍ଧ

## ପୋଲିସ୍‌ର ତଦନ୍ତ ପ୍ରକ୍ରିୟା ଜନମାନସରେ ସନ୍ଦେହ ସୃଷ୍ଟି କରୁଛି: ଧର୍ମେନ୍ଦ୍ର



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଲୋକଙ୍କ ଉପରେ ଗାଡ଼ି ଚଢ଼ାଇବା ଘଟଣାରେ ପୋଲିସର ତଦନ୍ତ ପ୍ରକ୍ରିୟା ଜନମାନସରେ ସନ୍ଦେହ ସୃଷ୍ଟି କରୁଛି ଏବଂ ଏହା ସୁସ୍ଥ ସମାଜରେ ଶୋଭନୀୟ ନୁହେଁ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ ଖୋର୍ଦ୍ଧା ଜିଲ୍ଲା ବାଣପୁରରେ କିଛି ଦିନ ପୂର୍ବରୁ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ନୀରିହ ଜନତା ଓ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଉପରେ ଆକ୍ରୋଶମୂଳକ ଭାବେ ଗାଡ଼ି ଚଢ଼ାଇଦେବା ଘଟଣାର ଦୃଶ୍ୟ ଅତ୍ୟନ୍ତ ଦୁଃଖଦ ଓ ହୃଦୟ ବିଦାରକ ଥିଲା ।

## ପୁଲିସ ତଦନ୍ତ ଠିକ୍ ବାଟରେ ଯାଉଛି: ପ୍ରଣବ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଧର୍ମେନ୍ଦ୍ରଙ୍କ ଏଭଳି ମନ୍ତବ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ବିଜେଡ଼ି ସଂଗଠକ ପ୍ରଣବ ପ୍ରକାଶ ଦାସ କହିଛନ୍ତି ଯେ, ପୁଲିସ ତଦନ୍ତ ଠିକ୍ ବାଟରେ ଯାଉଛି । ଅନ୍ୟ ରାଜ୍ୟ ସହ ତୁଳନା କରି ଓଡିଶା ଭଳି ଶାନ୍ତିପ୍ରିୟ ରାଜ୍ୟକୁ ବଦନାମ କରାଯିବା ଠିକ୍ ନୁହେଁ ।





## ହେଭିୱେଟଙ୍କ ମତଦାନ

ଭୁବନେଶ୍ୱର, (ସଂଦେଶ ବ୍ୟୁରୋ): ରାଜ୍ୟରେ ମୋଟ ୧୦୬ଟି ପୌର ପରିଷଦ (୫୯ଟି ଏନଏସି, ୪୭ମ୍ୟୁନିସିପାଲଟି) ଏବଂ ୩ ଟି ମହାନଗର ନିଗମରେ ହାରାହାରି ୬୫ ପ୍ରତିଶତ ମତଦାନ ହୋଇଥିଲା । ଭୁବନେଶ୍ୱର ମହାନଗର ନିଗମରେ ୫୦ ପ୍ରତିଶତ, କଟକ ମହାନଗର ନିଗମରେ ୬୫ ପ୍ରତିଶତ ଭୋଟିଂ ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମରେ ୪୭ ପ୍ରତିଶତ ମତଦାତା ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିଛନ୍ତି । ଏହି ମତଦାନ ସମୟରେ ରାଜ୍ୟର ହେଭିୱେଟମାନେ ନିଜ ନିଜ ୱାର୍ଡ଼ରେ ମତଦାନ ସାବ୍ୟସ୍ତ କରିଥିଲେ । ସେମାନଙ୍କ ମଧରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ ପାଣ୍ଡିଆନ୍, ବିଜେଡ଼ି ସଂଗଠକ ବିଧାୟକ ପ୍ରଣବ ପ୍ରକାଶ ଦାସ, ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ନିଜ ନିଜର ମତଦାନ ସାବ୍ୟସ୍ତ କରିଛନ୍ତି ।



## ଆରମ୍ଭ ହେଲା ଅନ୍ତର୍ଜାତୀୟ ଓଡ଼ିଶା ପର୍ବ-୨୦୨୨

# ଓଡ଼ିଆ ଜାତିକୁ ବିଶ୍ୱରେ ଶକ୍ତିଶାଳୀ, ସମୃଦ୍ଧ ଓ ଭବ୍ୟ କରିବା ପାଇଁ ନେବା ଦୃଢ଼ ସଂକଳ୍ପ: ଧର୍ମେନ୍ଦ୍ର




ନୂଆଦିଲ୍ଲୀ/ ଭୁବନେଶ୍ୱର ,(ସଂଦେଶ ବ୍ୟୁରୋ): ଓଡ଼ିଆ ଜାତିକୁ ବିଶ୍ୱରେ ଶକ୍ତିଶାଳୀ, ସମୃଦ୍ଧ ଓ ଭବ୍ୟ କରିବା ପାଇଁ ସଂକଳ୍ପ ନେବାକୁ ପଡ଼ିବ ବୋଲି ନୂଆଦିଲ୍ଲୀଠାରେ ଓଡ଼ିଆ ସମାଜ ପକ୍ଷରୁ ଆୟୋଜିତ 'ଓଡ଼ିଶା ପର୍ବ-୨୦୨୨'କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଦୁଇଦିନିଆ ସାଂସ୍କୃତିକ ମହାକୁମ୍ଭରେ ପଦ୍ମଭୂଷଣ ପାଇଁ ମନୋନୀତ ହୋଇଥିବା ବିଶିଷ୍ଟ ସାହିତ୍ୟିକା ପ୍ରତିଭା ରାୟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି କେନ୍ଦ୍ରମନ୍ତ୍ରୀ । ସେ କହିଛନ୍ତି ଯେ, ୨୦୩୬ରେ ଆଉ ମାତ୍ର ୧୪ ବର୍ଷ ପରେ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବ । ୨୦୪୭ ସୁଦ୍ଧା ୨୬ ବର୍ଷ ପରେ ଭାରତକୁ ସ୍ୱାଧୀନତାର ୧୦୦ ବର୍ଷ ପୂରଣ ହେବ । ଓଡ଼ିଆ ଜାତିକୁ ଶକ୍ତିଶାଳୀ, ସମୃଦ୍ଧ ଓ ଭ୍ୟ କରିବା ପାଇଁ ସଂକଳ୍ପ ନେବାକୁ ପଡ଼ିବ ।

ଶ୍ରୀ ସିଦ୍ଧାର୍ଥ ପ୍ରଧାନ, ସଭାପତି, ଓଡ଼ିଆ ସମାଜ, ନୂଆଦିଲ୍ଲୀ ସ୍ୱାଗତ ସମ୍ଭାଷଣ ଦେଇ କହିଥିଲେ ଯେ, ପ୍ରାଚୀନ ଓଡ଼ିଶାର ଇତିହାସ ବେଶ୍ ସମୃଦ୍ଧ ଓ ସଶକ୍ତ । ଦିନେ ଓଡ଼ିଶାର ପରିସୀମା ଗଙ୍ଗା ଠାରୁ କାଞ୍ଚି ପର୍ଯ୍ୟନ୍ତ ପରିବ୍ୟାପ୍ତ ଥିଲା । କେବଳ ଦେଶରେ ନୁହେଁ ଦକ୍ଷିଣପୂର୍ବ ଏସିଆର ଅନେକ ରାଷ୍ଟ୍ରରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଝଲକ ପ୍ରତିଫଳିତ ହୁଏ । ଓଡ଼ିଶାର ଏହି ଗୌରବମୟ ସଂସ୍କୃତି ଓ ପରମ୍ପରାକୁ ବିଶ୍ୱ ଦରବାରରେ ପରିବେଷଣ କରିବାକୁ ଓଡ଼ିଆ ସମାଜର ଅଭିନବ ପ୍ରୟାସ ହେଉଛି ଭର୍ଚୁଆଲ ଅନ୍ତର୍ଜାତୀୟ ଓଡ଼ିଶା ପର୍ବ ।

ଓଡ଼ିଶାର ପରାକ୍ରମୀ ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କ ଜୀବନୀକୁ ଜାତୀୟ ତଥା ଅନ୍ତର୍ଜାତୀୟ ଦର୍ଶକଙ୍କ ନିକଟକୁ ଆଣି ଓଡ଼ିଶା ଇତିହାସକୁ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରିଥିବା ଷ୍ଟାରପ୍ଲସ୍ ଧାରାବାହିକ 'ବିଦ୍ରୋହୀ'ର ପୁରା ଦଳଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା ।

ଓଡ଼ିଶାର ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କେନ୍ଦ୍ର ରେଳମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ଅବସରରେ ଦର୍ଶକଙ୍କୁ ଭିଡିଓ ବାର୍ତ୍ତା ମାଧ୍ୟମରେ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମାନ୍ୟବର କେନ୍ଦ୍ର ଶିକ୍ଷା ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଥିଲେ ଯେ, ଓଡ଼ିଶାର ସଂସ୍କୃତି ଓ ଇତିହାସ ହେଉଛି ଓଡ଼ିଆ ଜାତିର ପରିଚୟ । ଏ ଜାତିର ପାଇକ ବୀରଙ୍କ ପରାକ୍ରମ ଓଡ଼ିଶାବାସୀଙ୍କୁ କରିଛି ସ୍ୱାଭିମାନୀ ।

ଦେଶର ସ୍ୱାଧୀନତା ସଂଗ୍ରାମରେ ପାଇକ ବିଦ୍ରୋହର ଭୂମିକା ସର୍ବାଗ୍ରେ । ଓଡ଼ିଶାର ପ୍ରାଚୀନ ଇତିହାସକୁ ନେଇ ଏ ଜାତି ଗର୍ବ କରେ । ଏବେ ଇତିହାସକୁ ନେଇ ଗବେଷଣା କରିବାର ସମୟ ଆସିଛି ।

# ଷୋଡଶ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ




ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ଓଡିଶା ସରକାରଙ୍କ ହସ୍ତତନ୍ତ, ବହନ ଓ ହସ୍ତଶିଳ୍ପ ବିଭାଗ ଦ୍ୱାରା ଚଳିତ ବର୍ଷ ଷୋଡଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ତା. ୨୮.୦୩.୨୦୨୨ରିଖ ରୁ ତା. ୧୦.୦୪.୨୦୨୧ରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ଜନତା ମଇଦାନରେ ଆୟୋଜନ ହେବାକୁ ଯାଉଛି । ଦେଶର ବିଭିନ୍ନ ସ୍ଥାନରୁ କାରିଗର ଓ ବୁଣାକାର ଏହି ହସ୍ତଶଳ୍ପ ମେଳାରେ ଅଂଶଗ୍ରହଣ କରିବେ ଏବଂ ସେମାନଙ୍କର ପାରମ୍ପରିକ ତଥା ସମସାମୟିକ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଉତ୍ପାଦ ପ୍ରଦର୍ଶନ କରିବେ । ଦେଶର ଗୁରୁତ୍ୱପୂର୍ଣ୍ଣ ସାଂସ୍କୃତିକ ପ୍ରାଣ କେନ୍ଦ୍ର ଭୁବନେଶ୍ୱରରେ ପ୍ରତିବର୍ଷ ଜନତା ମଇଦାନରେ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆୟେଜନ ହୋଇଥାଏ । ଏହି ହସ୍ତଶିଳ୍ପ ମେଳା ଦେଶର ବାର୍ଷିକ ଉତ୍ସବ କ୍ୟାଲେଣ୍ଡରରେ ନିଜର ଏକ ନିଆରା ସ୍ଥାନ ନିରୂପଣ କରିସାରିଛି । ଏହି ମେଳାର ଲକ୍ଷ୍ୟ ହେଉଛି - ବୁଣାକାର ଏବଂ ହସ୍ତଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ବିକ୍ରୀ ନିମନ୍ତେ ଆବଶ୍ୟକୀୟ ବଜାର ସୃଷ୍ଟି କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା, ରାଜ୍ୟରେ କାର୍ଯ୍ୟରତ ଶିଳ୍ପୀ, କାରିଗର, ବୁଣାକାର ତଥା ତତ ସମ୍ବନ୍ଧୀୟ ଅଭିଜ୍ଞ ବ୍ୟକ୍ତିମାନଙ୍କ ମଧ୍ୟରେ ଭାବଗତ ଆଦାନ ପ୍ରଦାନର ସୁଯୋଗ ସୃଷ୍ଟି, ଭାରତୀୟ ଭାବଗତ ଆଦାନ ପ୍ରଦାନର ସୁଯୋଗ ସୃଷ୍ଟି, ଭାରତୀୟ ପାରମ୍ପରିକ କଳା, ହସ୍ତଶିଳ୍ପ ଏବଂ ହସ୍ତତନ୍ତର ସଂରକ୍ଷଣ କରିବା ଏବଂ କାରିଗର ଏବଂ ବୁଣାକାରମାନଙ୍କ ସାମଗ୍ରୀର ପ୍ରସ୍ତୁତ କୌଶଳ ଏବଂ ସୃଜନାତ୍ମକ ଜଟିଳତାକୁ ଲୋକମାନଙ୍କ ମଧ୍ୟରେ ସଚେତନ ସୃଷ୍ଟି କରିବା । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ରାଜ୍ୟ ତଥା ଦେଶର କାରିଗର/ବୁଣାକାରଙ୍କୁ ବଜାର ସୁବିଧା ପ୍ରଦାନ କରିବା ।

# ସଦାଶିବ ସାମନ୍ତରାୟ ନାଲ୍‌କୋର ନୂଆ ନିର୍ଦ୍ଦେଶକ



ଭୁବନେଶ୍ୱର,(ସଂଦେଶ ବ୍ୟୁରୋ): ସଦାଶିବ ସାମନ୍ତରାୟ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି ଲିମିଟେଡ୍ (ନାଲ୍‌କୋ)ର ନୂତନ ନିର୍ଦ୍ଦେଶକ (ବାଣିଜ୍ୟିକ) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ସେ ପନ୍ତନଗରସ୍ଥିତ ଜିବି ପନ୍ତ୍ କୃଷି ଏବଂ ବୈଷୟିକ ବିଶ୍ୱବିଦ୍ୟାଳୟରୁ ମେକାନିକାଲ୍ ଇଞ୍ଜିନିୟରିଂରେ ସ୍ନାତକ ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଏମବିଏ ଡିଗ୍ରି ହାସଲ କରିଛନ୍ତି । ୧୯୮୫ରେ ଦ୍ୱିତୀୟ ବ୍ୟାଚ୍ ଗ୍ରାଜୁଏଟ୍ ଇଞ୍ଜିନିୟର୍ ଟ୍ରେନି ଭାବରେ ନାଲକୋରେ ନିଜର କର୍ମ ଜୀବନ ଆରମ୍ଭ କରିଥିବା ଶ୍ରୀ ସାମନ୍ତରାୟଙ୍କ ଉଭୟ ବୈଷୟିକ ଏବଂ ବାଣିଜ୍ୟିକ କ୍ଷେତ୍ରରେ ଦୀର୍ଘ ୩୬ ବର୍ଷର ଅଭିଜ୍ଞତା ରହିଛି । ଶ୍ରୀ ସାମନ୍ତରାୟ ଗ୍ରାହକମାନଙ୍କ ସହ ବୁଝାମଣାପତ୍ର, ଏଲଏମଇ ସଂଯୁକ୍ତ ମୂଲ୍ୟ ପ୍ରଣାଳୀ, ଆଲୁମିନିୟମର ଏଲଏମଇ ପଞ୍ଜୀକରଣ, ରପ୍ତାନି ପାଇଁ ଇ-ଟେଣ୍ଡର ବ୍ୟବସ୍ଥା ଆଦି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଅନେକ ନୂତନ ପଦକ୍ଷେପର କାର୍ଯ୍ୟକାରିତାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । କଂପାନିରେ ତାଙ୍କ ଯୋଗଦାନ ବୋର୍ଡକୁ ଆହୁରି ସୁଦୃଢ଼ କରିବ ବୋଲି ନାଲ୍‌କୋର ସିଏମ୍‌ଡି ଶ୍ରୀଧର ପାତ୍ର କହିଛନ୍ତି ।

Printed, Published , Owned by Puspanjali Das and Printed by her at Mayur Offset Printers, D1/1 Mancheswar Industrial Estate, Bhubaneswar,751010 and Published at EB-672, Badagada Brit Colony, Bhubaneswar - 751018, Dist - Khurda, Odisha, **City Office:** 3R-5(F), Paradip Colony, Unit-8, Bhubaneswar-751012,Ph - 0674-2564429, 8895182352(M), 6370382637, e-mail : odishasandesh.news@gmail.com
ସମ୍ପାଦକ: ଅଜୟ ଦାସ
Chief Editor : Harendra Kishor Das
Editor :Ajay Das